



## ସିଟି କଟକ

# ଆଉଟ୍‌ସୋର୍ସିଂ ଭରସାରେ ଏସ୍‌ସିବି ରୋଗୀସେବା

**କଟକ, ୧୦।୩(ସମିସ)**

ରାଜ୍ୟର ସର୍ବବୃହତ ସ୍ୱାସ୍ଥ୍ୟକେନ୍ଦ୍ର କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସ୍ଥିତିକୁ ନେଇ ବିଧାନସଭାରେ ଏକ ବଡ଼ ତଥ୍ୟ ରଖିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଜଣାଇଛନ୍ତି ଯେ, ଏସସିବିରେ ସେବା ପ୍ରଦାନ କରୁଥିବା ନର୍ସିଂ ଅଫିସରଙ୍କ ସଂଖ୍ୟା ମଞ୍ଜୁରୀପ୍ରାପ୍ତ ପଦବୀ ତୁଳନାରେ ଯଥେଷ୍ଟ ଅଧିକ ରହିଥିବା ବେଳେ ଆଟେଣ୍ଡାଣ୍ଟ କ୍ଷେତ୍ରରେ କିନ୍ତୁ ବିପରୀତ ଚିତ୍ର ଦେଖିବାକୁ ମିଳିଛି। ଏହି କ୍ୟାଡରରେ ଅଧିକାଂଶ ସେବା ଏବେ 'ବାହ୍ୟ ସଂସ୍ଥା' ବା ଆଉଟସୋର୍ସିଂ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ିଛି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ନର୍ସିଂ ସେବା କ୍ୟାଡରର ପୁନର୍ଗଠନ ପରେ ଏସସିବିରେ ପ୍ରାଥମିକ ସ୍ତରର 'ନର୍ସିଂ ଅଫିସର' ପାଇଁ ସରକାର ୭୦୫ଟି ପଦବୀ ମଞ୍ଜୁର କରିଛନ୍ତି। ଆଶ୍ଚର୍ଯ୍ୟଜନକ ଭାବେ, ବର୍ତ୍ତମାନ ଏହି ମଞ୍ଜୁରୀ ସଂଖ୍ୟା ଠାରୁ ଅଧିକ ଅର୍ଥାତ୍ ୯୦୪ ଜଣ ସ୍ଥାୟୀ ନର୍ସିଂ ଅଫିସର ଏଠାରେ କାର୍ଯ୍ୟ କରୁଛନ୍ତି। ଏହା ସତ୍ତ୍ୱେ ରୋଗୀଙ୍କ ଚାପକୁ ଦୃଷ୍ଟିରେ ରଖି ସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ଅତିରିକ୍ତ ୧୪୦ ଜଣ ନର୍ସିଂ ଅଫିସରଙ୍କୁ ଆଉଟସୋର୍ସିଂ ମାଧ୍ୟମରେ ନିୟୋଜିତ କରାଯାଇଛି। ହସ୍ପିଟାଲର ଆଟେଣ୍ଡାଣ୍ଟ ବା ସହାୟକ କ୍ୟାଡରରେ କିନ୍ତୁ ବ୍ୟାପକ ଶୂନ୍ୟତା ଦେଖାଦେଇଛି। ଏଠାରେ ମଞ୍ଜୁରୀପ୍ରାପ୍ତ ୪୫୭ଟି ପଦବୀ ମଧ୍ୟରୁ ମାତ୍ର ୧୨୯ ଜଣ ସ୍ଥାୟୀ କର୍ମଚାରୀ ଅଛନ୍ତି। ଅର୍ଥାତ୍ ପ୍ରାୟ ୭୦ ପ୍ରତିଶତରୁ ଅଧିକ ସ୍ଥାୟୀ ପଦବୀ ଖାଲି ପଡ଼ିଛି। ଏହି ବଡ଼ ଶୂନ୍ୟତାକୁ ଭରଣା କରିବା ପାଇଁ ହସ୍ପିଟାଲ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଆଉଟସୋର୍ସିଂ ଉପରେ ଭରସା କରିଛି। ବର୍ତ୍ତମାନ ୨୮୨ ଜଣ ବହୁମୁଖୀ ଅର୍ଦ୍ଧ-କୁଶଳୀ ଏବଂ ୪୮୮ ଜଣ ବହୁ-କୁଶଳୀ ଆଟେଣ୍ଡାଣ୍ଟଙ୍କୁ ମିଶାଇ ମୋଟ ୭୭୦ ଜଣ ଚୁକ୍ତିଭିତ୍ତିକ ସହାୟକଙ୍କ ଜରିଆରେ ରୋଗୀ ସେବା ଚାଲିଛି।

- ମଞ୍ଜୁରୀ ପଦଠାରୁ ଅଧିକ ନର୍ସିଂ ଅଫିସର
- ନର୍ସିଂ ଅଫିସର ପଦ ୭୦୫, କାର୍ଯ୍ୟରତ ୯୦୪
- ଆଟେଣ୍ଡାଣ୍ଟ କ୍ଷେତ୍ରରେ ସ୍ଥାୟୀ ପଦ ଖାଲି
- ପୂରଣ ପାଇଁ ୭୦୦ରୁ ଊର୍ଦ୍ଧ୍ୱ ଚୁକ୍ତିଭିତ୍ତିକ କର୍ମଚାରୀ ନିୟୋଜିତ
- ବିଧାନସଭାରେ ସୋଫିଆଙ୍କ ପ୍ରଶ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା

ସରକାରଙ୍କ ରିପୋର୍ଟ ଅନୁଯାୟୀ, ଭାରତୀୟ ଜନସ୍ୱାସ୍ଥ୍ୟ ମାନଦଣ୍ଡ ଅନୁସାରେ ଏସସିବିରେ ରୋଗୀ ଓ କର୍ମଚାରୀଙ୍କ ଅନୁପାତ ସନ୍ତୋଷଜନକ ରହିଛି। ବର୍ତ୍ତମାନ ସାଧାରଣ ୱାର୍ଡରେ ଜଣେ କର୍ମଚାରୀଙ୍କ ପାଇଁ ୬ ଜଣ ରୋଗୀ (୧:୬) ରହିଛନ୍ତି। ସରକାର ଖାଲିଥିବା ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଆଗାମୀ ଦିନରେ ଏସସିବିର କାୟାକଳ୍ପ ପରିବର୍ତ୍ତନ ସହ ଅଧିକ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ପ୍ରତିଶ୍ରୁତି ଦେଇଛନ୍ତି।



### ହାଇକୋର୍ଟ ବାର୍ ଆସୋସିଏସନ ନିର୍ବାଚନ

# ସଭାପତି ପଦରେ ୩ ଓ ସମ୍ପାଦକ ପାଇଁ ୫ ଜଣଙ୍କ ନାମାଙ୍କନ

**କଟକ, ୧୦।୩(ସମିସ):** ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନର ୨୦୨୬-୨୦୨୭ ବର୍ଷ ପାଇଁ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ନିର୍ବାଚନ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ସରୋଜ କୁମାର ଦାସଙ୍କ ପକ୍ଷରୁ ଆଜି ବିଧିବଦ୍ଧ ଭାବେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଏହି ନିର୍ବାଚନରେ ସଭାପତି ପଦ ପାଇଁ ତିନି ଜଣ ପ୍ରମୁଖ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ସେମାନେ ହେଲେ ଲଲାଟେନ୍ଦୁ ସାମନ୍ତରାୟ, ଲକ୍ଷ୍ମୀଧର ପାଙ୍ଗାରୀ ଏବଂ ମାନସ ରଞ୍ଜନ ମହାପାତ୍ର। ସେହିପରି ଉପସଭାପତି ପଦ ପାଇଁ ଚାରି ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏହି ପଦରେ ଅରୁଣ କୁମାର ବୁଧିଆ, ବିଷ୍ଣୁ ମୋହନ ମହାପାତ୍ର, ପ୍ରଦୀପ ମହାପାତ୍ର ଏବଂ ତ୍ରିଲୋଚନ ବାରିକ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସମ୍ପାଦକ ପଦ ପାଇଁ ସର୍ବାଧିକ ୫ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ସେମାନେ ହେଲେ ଦିଲ୍ଲୀପ କୁମାର ରାୟ, ହୃଦାନନ୍ଦ ମହାପାତ୍ର, କବିରାଜ ପ୍ରଧାନ, ରଞ୍ଜିତ ମହାନ୍ତି ଏବଂ ସମ୍ବିତ ମହାନ୍ତି। ମହିଳାଙ୍କ ପାଇଁ ସଂରକ୍ଷିତ କୋଷାଧ୍ୟକ୍ଷ ପଦ ପାଇଁ କିରଣ ରାଉତ ଓ ସଂଯୁକ୍ତା ବାଳା ଦାସଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଥିବା ବେଳେ ଯୁଗ୍ମ ସମ୍ପାଦକ ପାଇଁ ମନୋରଞ୍ଜନ ପାଢ଼ୀ ଏବଂ ପ୍ରଦୀପ୍ତ ମହାନ୍ତି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସହସମ୍ପାଦକ (ମହିଳା) ଭାବେ ସୁଲୋଚନା ପାତ୍ର ପ୍ରାର୍ଥୀ ହୋଇଥିବା ବେଳେ ସହସମ୍ପାଦକ (ଲାଇବ୍ରେରୀ) ପାଇଁ ବାସୁଦେବ ବାରିକ, ବ୍ୟୋମକେଶ ତ୍ରିପାଠୀ ଓ ଗୋପୀନାଥ ସେଠୀ ନିର୍ବାଚନ ଲଢ଼ିବେ। ସେହିଭଳି କାର୍ଯ୍ୟକାରୀ କମିଟି ସଦସ୍ୟ ପଦ ପାଇଁ ଅବିନାଶ ଆଚାର୍ଯ୍ୟ, ଅନୀଲ କୁମାର ପଣ୍ଡା, ଆଶିଷ ମିଶ୍ର, ବିକାଶ ଦଳେଇ, କେଦାର ଚନ୍ଦ୍ର ଷଡ଼ଙ୍ଗୀ, ପ୍ରଦ୍ୟୁମ୍ନ ପରିଜା, ପ୍ରୀତମ ମଲ୍ଲିକ, ରମେଶ ସେଠୀ, ସ୍ମୃତି ରଞ୍ଜନ ଦେବତା ଏବଂ ସୁମନ୍ତ କୁମାର ସ୍ୱାଇଁ ପ୍ରାର୍ଥୀ ହୋଇଛନ୍ତି। ମହିଳାଙ୍କ ପାଇଁ ସଂରକ୍ଷିତ କାର୍ଯ୍ୟକାରୀ କମିଟି ସଦସ୍ୟା ପଦବୀ ପାଇଁ ଅଷ୍ଟମୀ ତାଣ୍ଡିଆ, ଚନ୍ଦନା ଦାସ, ସସ୍ମିତା ସାହୁ, ସୁଧାମୟୀ ଦାସ ଓ ଉଷାରାଣୀ ପତି ପ୍ରତିଦ୍ୱନ୍ଦ୍ୱିତା କରିବେ।

### ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

# ଆନ୍ଦୋଳନର ୫୦ ଦିନ ପୂର୍ତ୍ତିରେ ଦୀପ ଜାଳିଲେ ଛାତ୍ରୀ

**କଟକ, ୧୦।୩(ସମିସ):** କଟକର ଗୌରବମୟ ଶିକ୍ଷାନୁଷ୍ଠାନ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରିବା ଦାବିରେ ଚାଲିଥିବା ଗଣତାନ୍ତ୍ରିକ ଆନ୍ଦୋଳନ ଆଜି ୫୦ ଦିନରେ ପହଞ୍ଚିଛି। ଏହି ଅବସରରେ ଆନ୍ଦୋଳନରତ ଛାତ୍ରୀମାନେ ସନ୍ଧ୍ୟା ସମୟରେ ୫୦ଟି ଦୀପ ଜାଳି ଏକ ନିଆରା ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ଏହି ଲଢ଼େଇ ଜାରି ରହିବ ବୋଲି ଛାତ୍ରୀମାନେ ଦୃଢ଼ ସଙ୍କଳ୍ପ କରିଛନ୍ତି। ଆଜି ଆନ୍ଦୋଳନ ସ୍ଥଳରେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ପହଞ୍ଚି ଛାତ୍ରୀମାନଙ୍କୁ ନୈତିକ ସମର୍ଥନ ଜଣାଇଥିଲେ। ସେ ସେମାନଙ୍କର ଏହି ଦାବିକୁ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ବୋଲି କହିବା ସହ ଏହି ସ୍ୱପ୍ନ ଦିନେ ନା ଦିନେ ନିଶ୍ଚିତ ପୂରଣ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସେହିପରି ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ନଟବର ଶତପଥୀ ଏବଂ ପୁରାତନ ଛାତ୍ରୀ ସଂଘ ସଭାନେତ୍ରୀ ପ୍ରଫେସର ଗୋପା ଦାସ ଯୋଗଦେଇ ନାରୀ ଶିକ୍ଷାର ବିକାଶ ପାଇଁ ଏହି ମାନ୍ୟତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଆନ୍ଦୋଳନରେ ସନ୍ତୋଷ ମହାରଣା, ସୁଚିତ୍ରା ସେଠୀ, ବିନୋଦ ପଣ୍ଡା, ମନୋଜ ପତି, ତାପସ ଦ୍ୱିବେଦୀ ଏବଂ ଉଷାରାଣୀ ଚୌଧୁରୀ ପ୍ରମୁଖ ସାମିଲ ହୋଇ ଛାତ୍ରୀମାନଙ୍କ ଉତ୍ସାହ ବଢ଼ାଇଥିଲେ। ଆନ୍ଦୋଳନର ନେତୃତ୍ୱ ନେଉଥିବା ଛାତ୍ରୀ ପ୍ରଭାତୀ ସେଠୀ, ମୌସୁମୀ ମହାନ୍ତ, ବିଷ୍ଣୁପ୍ରିୟା ଓଝା, ସିମରନ ଶର୍ମା, ଇଶା ପ୍ରିୟଦର୍ଶିନୀ, ତପସ୍ୱିନୀ ମୁଦୁଲି, ଶୁଭସ୍ମିତା ଭୂତିଆ, ହରପ୍ରିୟା ପାଢ଼ୀ, ଅର୍ଚ୍ଚନା ସ୍ୱାଇଁ ଏବଂ ଅର୍ପିତା ଶତପଥୀ ପ୍ରମୁଖ ଶତାଧିକ ଛାତ୍ରୀ ଏହି ଦୀପ ଦାନ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆସନ୍ତା ଦିନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହରର ବୁଦ୍ଧିଜୀବୀ, ମହାବିଦ୍ୟାଳୟର ଛାତ୍ରୀମାନେ, ପୁରାତନ ଛାତ୍ରୀମାନେ ପୋଷ୍ଟକାର୍ଡ ମାଧ୍ୟମରେ ଚିଠି ଲେଖି ଦାବି କରିବେ ବୋଲି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ଏହି ସ୍ୱର ପ୍ରଶାସନ ନିକଟରେ ଉଠିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ।




# ବିଶ୍ୱ ମହିଳା ଦିବସ ଅବସରରେ ସେମିନାର




କଟକ, ୧୦।୩(ସମିସ): ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଓଡ଼ିଶା ମହିଳା ଆଇନଜୀବୀ ସଂଘ ପକ୍ଷରୁ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନର ସମ୍ମିଳନୀ କକ୍ଷରେ 'ବ୍ୟଭିଚାରର ଅପରାଧମୁକ୍ତକରଣ ଏବଂ ସମାଜ ଉପରେ ଏହାର ପ୍ରଭାବ' ଶୀର୍ଷକ ବିଷୟକୁ ନେଇ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଷ୍ଟିସ୍ ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜଷ୍ଟିସ୍ ସାବିତ୍ରୀ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ହାଇକୋର୍ଟ ବାର୍ ଆସୋସିଏସନର ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଏବଂ ସମ୍ପାଦକ ଅଭିଜିତ ପଟ୍ଟନାୟକ ମଧ୍ୟ ଉପସ୍ଥିତ ରହି ନିଜର ଚିନ୍ତାଶୀଳ ମତ ରଖିଥିଲେ। ସଂଘର ସଭାପତି ସି. କସ୍ତୁରୀ ଏବଂ ସମ୍ପାଦିକା କୁମାରୀ ଚିତ୍ରା ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସେମିନାରରେ ବହୁ ବିଶିଷ୍ଟ ଆଇନଜୀବୀ ବ୍ୟଭିଚାର ଆଇନର ବିଭିନ୍ନ ଦିଗ ଏବଂ ଏହାର ସୁଫଳ ଓ କୁଫଳ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ମହିଳା ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସରକାରୀ ଆଇନଜୀବୀ ରତି ମହାନ୍ତି, ରାଜ୍ୟ ସୂଚନା କମିଶନର କଳ୍ପନା ପଟ୍ଟନାୟକ ଏବଂ ହାଇକୋର୍ଟ ବାର୍‌ର ମହିଳା କ୍ରିକେଟ୍ ଦଳକୁ ବିଚାରପତିମାନେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପ୍ରଦାନ କରି ଉତ୍ସାହିତ କରିଥିଲେ। ଏଥିସହିତ ସଂଘ ପକ୍ଷରୁ ଯୁବ ଓ ଆଶାୟୀ ମହିଳା ଆଇନଜୀବୀଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଇନ ପୁସ୍ତକ ମଧ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଆଇନଜୀବୀ କୁମାରୀ ଅନ୍ନପୂର୍ଣ୍ଣା ସାହୁ ଧନ୍ୟବାଦ ଦେଇଥିଲେ।

**'ବ୍ୟଭିଚାରର ଅପରାଧମୁକ୍ତକରଣ ଓ ସମାଜ ଉପରେ ଏହାର ପ୍ରଭାବ' ଶୀର୍ଷକରେ ମନ୍ଥନ**

# ସିଟି ହସ୍ପିଟାଲରେ ନୂତନ ଆଇପିଏଚ୍ଏଲ୍ କୋଠା ନିର୍ମାଣ ଦାବି

**କଟକ, ୧୦।୩(ସମିସ):** କଟକ ସିଟି ହସ୍ପିଟାଲ ଉପରେ ନିର୍ଭର କରୁଥିବା ହଜାର ହଜାର ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସୁବିଧା ପାଇଁ ପ୍ରସ୍ତାବିତ ସମନ୍ୱିତ ଜନସ୍ୱାସ୍ଥ୍ୟ ପରୀକ୍ଷାଗାର ଆଇପିଏଚଏଲ କୋଠା ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟାର ସମାଧାନ ପାଇଁ ଆଜି ସ୍ଥାନୀୟ ବାସିନ୍ଦା ଓ ରୋଗୀ ସମ୍ପର୍କୀୟମାନେ ସିଟି ହସ୍ପିଟାଲ ଅଧିକ୍ଷକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୨୫ ଜୁନ୍ ମାସରେ ଏହି ନୂତନ କୋଠା ନିର୍ମାଣ ପାଇଁ ଅର୍ଥ ବ୍ୟୟ ଅଟକଳ କରାଯିବା ସହ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲେ ସୁଦ୍ଧା, ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏଯାବତ୍ କ୍ଷେତ୍ରସ୍ତରରେ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହି ନୂତନ ଆଇ.ପି.ଏଚ.ଏଲ. କୋଠା ନିର୍ମାଣ ହେଲେ ଗୋଟିଏ ସ୍ଥାନରେ ସିଟି ସ୍କାନ୍, ଏମଆରଆଇ, ଅଲଟ୍ରାସାଉଣ୍ଡ, ଏକ୍ସ-ରେ ଏବଂ ରକ୍ତ ନମୁନା ପରୀକ୍ଷା କେନ୍ଦ୍ର ଭଳି ସମସ୍ତ ଅତ୍ୟାଧୁନିକ ନିଦାନ ସୁବିଧା ଉପଲବ୍ଧ ହୋଇପାରିବ। ଏହାଦ୍ୱାରା ରୋଗୀମାନଙ୍କୁ ବିଭିନ୍ନ ପରୀକ୍ଷା ପାଇଁ ହସ୍ପିଟାଲ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ତୁରନ୍ତ ଆରମ୍ଭ କରିବା ପାଇଁ ସ୍ଥାନୀୟ ବାସିନ୍ଦା ସୌମ୍ୟଦୀପ ଘୋଷ, ସିଦ୍ଧାର୍ଥ ମହାନ୍ତି, ରୁଦ୍ରମୋହନ ମହାପାତ୍ର, ଅନ୍ନଦା ଦାସ, ଅମିତ ମହାନ୍ତି, ସାଗର କାହାଳି, ଲଳିତ ପଟ୍ଟନାୟକ ଏବଂ ଏନ୍. ଫଗୁଆ ଦାବି ଜଣାଇଛନ୍ତି।



**ଅଧୀକ୍ଷକଙ୍କୁ ଭେଟିଲେ ସ୍ଥାନୀୟ ବାସିନ୍ଦା**

# ଡ. ବିଜୟ ନନ୍ଦଙ୍କୁ ଭେଟିଲେ ମେୟର

**କଟକ, ୧୦।୩(ସମିସ):** କଟକର ସୁନାମଧନ୍ୟ ପ୍ରସିଦ୍ଧ ମେଡିକାଲ ପ୍ରଫେସର ତଥା ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ଡ. ବିଜୟ ନନ୍ଦଙ୍କୁ ଆଜି କଟକ ମେୟର ସୁବାସ ସିଂହ ସାକ୍ଷାତ କରିଛନ୍ତି। ମେୟର ଶ୍ରୀ ସିଂହ, ଡକ୍ଟର ନନ୍ଦଙ୍କ କଟକସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଏବଂ ପରିବାରର ସମ୍ପର୍କରେ ପଚାରି ବୁଝିଥିଲେ। ଡ. ବିଜୟ ନନ୍ଦ ଜଣେ ପ୍ରତିଷ୍ଠିତ ପାଥୋଲୋଜିଷ୍ଟ ଭାବରେ ସାରା ରାଜ୍ୟରେ ଜଣାଶୁଣା। ଏସସିବି ମେଡିକାଲର ଅଧ୍ୟକ୍ଷ ଭାବରେ ସେ ନିଜର କାର୍ଯ୍ୟ ସମ୍ପାଦନା କରି ଚିକିତ୍ସା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମେୟର ଶ୍ରୀ ସିଂହ ତାଙ୍କ ସହ ବହୁ ସମୟ ଆଲୋଚନା କରିବା ସହିତ ତାଙ୍କର ଦୀର୍ଘାୟୁ କାମନା କରିଥିଲେ। ଏହି ସାକ୍ଷାତକାର ସମୟରେ ମେୟରଙ୍କ ସହିତ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ ଏବଂ ଡ. ନନ୍ଦଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଭେଟଘାଟ ସ୍ଥାନୀୟ ବୁଦ୍ଧିଜୀବୀ ଓ ଚିକିତ୍ସକ ମହଲରେ ଏକ ସୌଜନ୍ୟମୂଳକ ପଦକ୍ଷେପ ଭାବେ ପ୍ରଶଂସିତ ହୋଇଛି।



### ରେଭେନ୍ସାରେ ଖାଲି ପଡ଼ିଛି ଅଧ୍ୟାପକ ପଦ

# ସ୍ଥାୟୀ ନିଯୁକ୍ତି ଦାବିରେ ଛାତ୍ର ବିକ୍ଷୋଭ




**କଟକ, ୧୦।୩(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବହୁ ଅଧ୍ୟାପକ ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନରେ ବିଭ୍ରାଟ ସୃଷ୍ଟି ହୋଇଛି। ଏଣୁ ଖାଲି ଥିବା ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀ ପଦବୀରେ ତୁରନ୍ତ ସ୍ଥାୟୀ ନିଯୁକ୍ତ କରିବା, ଲାଇବ୍ରେରୀରେ ପର୍ଯ୍ୟାପ୍ତ ସଂଖ୍ୟକ ବହି ସହିତ ରିଡିଂ ରୁମରେ ସିଟ୍ ସଂଖ୍ୟା ବୃଦ୍ଧି, ଲାବରୋଟରୀର ଆଧୁନିକୀକରଣ, ସମସ୍ତ ଆଶାୟୀଙ୍କ ପାଇଁ ହଷ୍ଟେଲ ସୁବିଧା ନିଶ୍ଚିତ କରିବା, ମହାନଦୀ କ୍ୟାମ୍ପସରୁ ମୁଖ୍ୟ କ୍ୟାମ୍ପସ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ନିଜସ୍ୱ ବସ ସେବା ବ୍ୟବସ୍ଥା କରିବା, ସହିତ ତୁରନ୍ତ ବିଶ୍ୱବିଦ୍ୟାଳୟରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ପଦକ୍ଷେପ ଗ୍ରହଣ କରିବା ଆଦି ୨୪ ଦଫା ଦାବିରେ ଏଆଇଡିଏସଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ କୁଳପତିଙ୍କ ଅଫିସ ସମ୍ମୁଖରେ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭରେ ବିଶ୍ୱବିଦ୍ୟାଳୟ କମିଟିର ଉପସଭାପତି କସକ ଜେନା ଓ ସମ୍ପାଦକ ଗାୟତ୍ରୀ ସାହୁଙ୍କ ନେତୃତ୍ୱରେ ଛାତ୍ରନେତା ଅଶ୍ୱିନୀ ପ୍ରଧାନ, ସୂର୍ଯ୍ୟକାନ୍ତ ମଲ୍ଲିକ, ଅଭିଜିତ୍ ଜେନା, ସ୍ୱପ୍ନାରାଣୀ ପ୍ରଧାନ, ରୁଦ୍ର ମାଧବ ନାଏକ, ଜଗନ୍ନାଥ ଶାନ୍ତା, ଖଗେଶ୍ୱର ଓରାମ, ଜ୍ୟୋତିରଞ୍ଜନ ମହାନ୍ତ ପ୍ରମୁଖ କୁଳପତିଙ୍କ ଉଦ୍ଦେଶ୍ୟରେ ପରୀକ୍ଷା ନିୟନ୍ତ୍ରକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# କାଠଯୋଡ଼ି ସାହିତ୍ୟ ସଂସଦର ନବମ ବାର୍ଷିକ ଉତ୍ସବ




**କଟକ, ୧୦।୩(ସମିସ):** ସ୍ଥାନୀୟ ଖାନନଗରସ୍ଥ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ କାଠଯୋଡ଼ି ସାହିତ୍ୟ ସଂସଦର ନବମ ବାର୍ଷିକ ଉତ୍ସବ ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ବିଜୟାନନ୍ଦ ସିଂହ, ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଏ. ମହେଶ୍ୱର ରାଓ ଏବଂ ନାଟ୍ୟକାର ପୀୟୂଷ ରଞ୍ଜନ ପରିଡ଼ା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଂସଦର ବାର୍ଷିକ ମୁଖପତ୍ର 'କାଠଯୋଡ଼ି' ଲୋକାର୍ପିତ ହେବା ସହ ଓଡ଼ିଆ ସାହିତ୍ୟରେ ଭାବ ଓ ଶବ୍ଦର ଗୁରୁତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଉତ୍ସବର ପ୍ରଥମ ଅଧିବେଶନରେ ଶତାଧିକ କବିଙ୍କ କବିତା ପାଠ କରାଯାଇଥିଲା। ଏହି କବିତା ପାଠୋତ୍ସବକୁ ସୌମେନ୍ଦ୍ର ମହାପାତ୍ର, ସଂଘମିତ୍ରା ଦାସ, ଗୋଲକ ବିହାରୀ ନାୟକ ଓ ବିଷ୍ଣୁପ୍ରିୟା ସାହୁ ସଂଯୋଜନା କରିଥିବା ବେଳେ ପ୍ରମିଳା ପତି, ଡ. ତୋଫାନ ଜେନା ଏବଂ ଅନ୍ୟାନ୍ୟ ବରିଷ୍ଠ ସାହିତ୍ୟିକମାନେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବାବାଜୀ ଜେନାଙ୍କ ପ୍ରତ୍ୟକ୍ଷ ସଞ୍ଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୀତିକବି ମନୋଜ ପଟ୍ଟନାୟକ, ପ୍ଲାଷ୍ଟିକ ସର୍ଜନ ଡା. ସୁନିଲ ରାଉତ ଏବଂ ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ସାହିତ୍ୟ ଓ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ବିଜୟାନନ୍ଦ ସିଂହ, କୈଳାସ ଚନ୍ଦ୍ର ସ୍ୱାଇଁ, ଡ. ପ୍ରମୋଦ ଦାଶ, ଡ. ରୂପଶ୍ରୀ ମିଶ୍ର ଏବଂ ଡ. ହୃଷୀକେଶ ମହାରଣାଙ୍କ ସମେତ ଅନେକ ପ୍ରତିଭାଙ୍କୁ 'କାଠଯୋଡ଼ି ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପୀତାମ୍ବର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

### ଯୁଦ୍ଧ ପ୍ରଭାବରେ ରନ୍ଧନ ଗ୍ୟାସ୍ ସଙ୍କଟ

# ମିଳୁନି ଏଲ୍‌ପିଜି ସିଲିଣ୍ଡର; ରୋଷେଇ ଘର ଅସ୍ତବ୍ୟସ୍ତ

**କଟକ, ୧୦।୩(ସମିସ)**

ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ପରିସ୍ଥିତିର ପ୍ରଭାବ ଏବେ କଟକର ରୋଷେଇ ଘର ଉପରେ ପଡ଼ିଛି। ବିଶ୍ୱ ବଜାରରେ ଏଲ୍‌ପିଜି ଯୋଗାଣ ଶୃଙ୍ଖଳା ପ୍ରଭାବିତ ହେବା ପରେ କଟକ ଜିଲ୍ଲାରେ ରନ୍ଧନ ଗ୍ୟାସ ସିଲିଣ୍ଡରର ଘୋର ସଙ୍କଟ ଦେଖାଦେଇଛି। ସହରରେ ଥିବା ପ୍ରାୟ ୧୫ରୁ ଅଧିକ ଗ୍ୟାସ ଏଜେନ୍ସିରେ ଦୈନିକ ହଜାର ହଜାର ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଥିବା ବେଳେ, ଷ୍ଟକ୍ ଅଭାବରୁ ଅଧିକାଂଶ ଗ୍ରାହକ ନିରାଶ ହୋଇ ଫେରୁଛନ୍ତି। କେବଳ ସେତିକି ନୁହେଁ, ସିଲିଣ୍ଡରର କଳାବଜାର ଜୋରଦାର ଚାଲିଥିବାରୁ ସାଧାରଣ ଉପଭୋକ୍ତାଙ୍କ ପାଇଁ ସମସ୍ୟା ଜଟିଳ ହେବାରେ ଲାଗିଛି। ଗ୍ୟାସ ବୁକିଂ ପାଇଁ ଉଦ୍ଦିଷ୍ଟ ଟୋଲ୍‌ଫ୍ରି ନମ୍ବର ଏବଂ ମୋବାଇଲ୍ ଆପ୍ଲିକେସନ୍ ଗୁଡ଼ିକ ଠିକ୍ ଭାବେ କାମ କରୁ ନ ଥିବା ଅଭିଯୋଗ ହୋଇଛି। ଗ୍ରାହକମାନେ ବୁକିଂ କରିବାର ୧୨ ରୁ ୧୫ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିବା ବେଳେ ଏଭଳି ବିଳମ୍ବ ପୂର୍ବରୁ କେବେ ଦେଖାଯାଇ ନ ଥିବା ଖାଉଟିମାନେ ପ୍ରକାଶ କରିଛନ୍ତି। ମଧୁପାଟଣା ଅଞ୍ଚଳର ଜଣେ ଗୃହିଣୀ ସୌଭାଗିନୀ ସ୍ୱାଇଁଙ୍କ କହିବା ଅନୁଯାୟୀ, ଫେବୃଆରୀ ଶେଷ ସପ୍ତାହରୁ ବୁକିଂ କରିଥିଲେ ହେଁ ମାର୍ଚ୍ଚ ମଧ୍ୟଭାଗ ପୂର୍ବରୁ ସିଲିଣ୍ଡର ମିଳିବାର କୌଣସି ସମ୍ଭାବନା ନାହିଁ। ଏଭଳି ସ୍ଥିତି ଯୋଗୁଁ ମଧ୍ୟବିତ୍ତ ପରିବାରରେ ରୋଷେଇ ବାସ ଏବେ ଚିନ୍ତାର ବିଷୟ ପାଲଟିଛି।

ଘରୋଇ ସିଲିଣ୍ଡର ସହିତ ବ୍ୟବସାୟିକ ସିଲିଣ୍ଡରର ମଧ୍ୟ ଘୋର ଅଭାବ ଦେଖାଦେଇଛି। ଏହାର ସୁଯୋଗ ନେଇ କିଛି ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକ ଚୋରାରେ ଘରୋଇ ରନ୍ଧନ ସିଲିଣ୍ଡର ମହଜୁଦ କରି ରଖୁଥିବା ଅଭିଯୋଗ ହେଉଛି। ଫଳରେ ରାସ୍ତାକଡ଼ର ଛୋଟ ଜଳଖିଆ ବେପାରୀମାନେ ସିଲିଣ୍ଡର ନ ପାଇ ଜୀବିକା ହରାଇବାକୁ ବସିଛନ୍ତି। ଜିଲ୍ଲା ଯୋଗାଣ ବିଭାଗ ତୁରନ୍ତ ଏଥିରେ ହସ୍ତକ୍ଷେପ କରି କଳାବଜାର ରୋକିବା ସହ ଗ୍ୟାସ ଯୋଗାଣ ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହେଉଛି।



**ବୁକିଂର ୧୨ ଦିନ ପରେ ବି ଡେଲିଭରି ଅନିଶ୍ଚିତ**

**କଳାବଜାର ପାଇଁ ହନ୍ତସନ୍ତ ହେଉଛନ୍ତି ଖାଉଟି**

ସକାଳ
THE SAKALA



ନିଆଳିରେ ପାରିବାରିକ କଳହରୁ ରକ୍ତାକ୍ତ ସଂଘର୍ଷ

# ବଡ଼ବୋଉ, ଭାଉଜ ଓ ପୁତୁରାକୁ ଖଣ୍ଡାରେ ହାଣିଲା ଯୁବକ

ନିଆଳି,୧୦।୩(ସମିସ): ନିଆଳି ଥାନା ପୋଖରୀଗାଁ ପଞ୍ଚାୟତ କାନପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ଯୁବକ ନିଜର ବଡ଼ ବୋଉ, ଭାଉଜ ଓ ମାତ୍ର ବର୍ଷକର ପୁତୁରାକୁ ଖଣ୍ଡାରେ ଗୋଡ଼ାଇ ଗୋଡ଼ାଇ ହାଣିଛି। ଏହି ଅଭାବନୀୟ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।



ସୂଚନାନୁଯାୟୀ, ଗ୍ରାମର କୈଳାସ ଲେଙ୍କାଙ୍କ ପୁଅ ଅରୁଣ ଲେଙ୍କା ମଙ୍ଗଳବାର ଅପରାହ୍ଣରେ ଉଗ୍ରରୂପ ଧାରଣ କରିଥିଲା। ଏକ ଖଣ୍ଡା ଧରି ବଡ଼ ବୋଉ ସ୍ମୃତିସ୍ନିଗ୍ଧା, ଭାଉଜ ସୁମିତ୍ରା ଓ ମାତ୍ର ଦେଢ଼ ବର୍ଷର ପୁତୁରାକୁ ନିର୍ମମ ଭାବେ ଆକ୍ରମଣ କରିଥିଲା। ଆକ୍ରମଣରେ ସ୍ମୃତିସ୍ନିଗ୍ଧାଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ସୁମିତ୍ରାଙ୍କ ଛାତିରେ ଆଘାତ ଲାଗିଛି। ସେହିପରି ନିଷ୍ପାପ ଶିଶୁଟିର ହାତରେ ମଧ୍ୟ ଗଭୀର ଆଘାତ ଲାଗିଛି। ଖବର ପାଇ ନିଆଳି ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତିନି ଗୁରୁତରଙ୍କୁ ଉଦ୍ଧାର କରି ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ତେବେ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଅଭିଯୁକ୍ତ ଅରୁଣ ବିରୋଧରେ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

ରୋଗୀ ମୃତ୍ୟୁରୁ ଉତ୍ତେଜନା

# ଡାକ୍ତରଖାନାରେ ଭଙ୍ଗାରୁଜା, ଜାଳିଦେଲେ ଜେନେରେଟର୍

ନିଆଳି,୧୦।୩(ସମିସ): ନିଆଳି ତହସିଲ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର କଲେଜ ଛକ ନିକଟରେ ଥିବା ଘରୋଇ ଶ୍ରୀ ସାଇ ହସ୍ପିଟାଲରେ ଚିକିତ୍ସା ଅବହେଳା ଜନିତ ରୋଗୀ ମୃତ୍ୟୁକୁ ନେଇ ତୁମୁଳକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକେ ହସ୍ପିଟାଲରେ ବ୍ୟାପକ ଭଙ୍ଗାରୁଜା କରିବା ସହ ଜେନେରେଟର୍‌ରେ ନିଆଁ ଲଗାଇ ଦେଇଛନ୍ତି। ଏହାସହ ନିଆଳି-ନଖରା ରାସ୍ତାକୁ ଅବରୋଧ କରିଛନ୍ତି।

ଜଲ୍ଲାରପୁର ଅଞ୍ଚଳର ଚନ୍ଦ୍ରକାନ୍ତି ବାରିକ୍ ନାମକ ଜଣେ ମହିଳାଙ୍କର ପିତକୋଷ ଷ୍ଟୋନ୍ ଅସ୍ତ୍ରୋପଚାର ପାଇଁ ରବିବାର ସନ୍ଧ୍ୟାରେ ଏଠାରେ ଭର୍ତ୍ତି କରାଯାଇଥିଲା। ମୃତକଙ୍କ ସ୍ୱାମୀ ଜ୍ୟୋତିରଞ୍ଜନ ବାରିକଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ସକାଳେ ଅସ୍ତ୍ରୋପଚାର ସମୟରେ ଡାକ୍ତରଙ୍କ ତ୍ରୁଟି ଯୋଗୁଁ ଚନ୍ଦ୍ରକାନ୍ତିଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ଫଳରେ ତାଙ୍କୁ ସଙ୍ଗେସଙ୍ଗେ ଅନ୍ୟ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।



ମଙ୍ଗଳବାର ସନ୍ଧ୍ୟାରେ ଶବ ଧରି ଶତାଧିକ ସମ୍ପର୍କୀୟ ସାଇ ହସ୍ପିଟାଲରେ ପହଞ୍ଚିବା ପରେ ଉତ୍ତେଜନା ଆରମ୍ଭ ହୋଇଥିଲା। ଶହଶହ ଲୋକ ହସ୍ପିଟାଲର ତଳ ମହଲାରେ ପଶି ଆସବାବପତ୍ର, କବାଟ, ଝରକା ଏବଂ ଔଷଧ ଗୋଦାମକୁ ବ୍ୟାପକ ଭଙ୍ଗାରୁଜା କରିଥିଲେ। ମେଡିକାଲ ସମ୍ମୁଖରେ ଥିବା ଅଳିଆ ଗଦାରେ ନିଆଁ ଲଗାଇ ଦେବାରୁ ତାହା ନିକଟରେ ଥିବା ବଡ଼ ଜେନେରେଟର୍‌କୁ ମଧ୍ୟ ନିଆଁ ବ୍ୟାପି ଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଉତ୍ତେଜନା ଥମିନଥିଲା। ପୁଲିସ ଆଇଆଇସି ରାଜେନ୍ଦ୍ର ମହାପାତ୍ରଙ୍କ ସମେତ ସଦର ଏସ୍‌ଡିପିଓ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଘଣ୍ଟାଘଣ୍ଟା ଧରି ଚେଷ୍ଟା କରି ନୟାନ୍ତ ହୋଇଥିଲେ।

ହସ୍ପିଟାଲ ପରିସରରେ ହିଂସାକାଣ୍ଡ ପରେ ସମ୍ପର୍କୀୟମାନେ ମୃତଦେହକୁ ନିଆଳି-ନଖରା ରାଜ୍ୟ ରାଜପଥର ନୂଆଗାଁ କଲେଜ ଛକ ନିକଟରେ ରଖି ରାସ୍ତା ଅବରୋଧ କରିଥିଲେ। ଦୋଷୀ ଡାକ୍ତର ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କଠୋର୍ ଦଣ୍ଡବିଧାନ ଏବଂ କ୍ଷତିପୂରଣ ଦାବିରେ ଶତାଧିକ

**ଦୀର୍ଘ ସମୟ ଧରି ନିଆଳି-ନଖରା ରାସ୍ତା ଜାମ**

ଲୋକ ରାସ୍ତାରେ ବସି ରହିଥିଲେ। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ଓଲଟପୁର ପୁଲିସ ଓ ନିଆଳି ପୁଲିସ ମୁତୟନ ରହି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ପ୍ରୟାସ ଜାରି ରଖିଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ରୋଗୀ ସମ୍ପର୍କୀୟମାନେ ଜିଦ୍ ଧରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଆନ୍ଦୋଳନ ଜାରି ରହିଥିବା ଜଣାପଡ଼ିଛି।

ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜରେ ବିଚିତ୍ର ବ୍ୟବସ୍ଥା

# ୪୬ କର୍ମଚାରୀଙ୍କ ଦରମା ପାଇଁ ପାଣ୍ଠି ନାହିଁ !

ଭୁବନେଶ୍ୱର, ୧୦।୩(ସମିସ): ଭୁବନେଶ୍ୱରସ୍ଥିତ ଅଭିନ୍ନଚନ୍ଦ୍ର ହୋମିଓପାଥି ମେଡ଼ିକାଲ କଲେଜରେ ଏବେ ଚାଲିଛି ବିଚିତ୍ର ବ୍ୟବସ୍ଥା । ପାଣ୍ଠି ନ ଥିବାରୁ କଲେଜର କର୍ମଚାରୀଙ୍କୁ ଦରମା ମିଳିନାହିଁ; ମାତ୍ର ଭାରପ୍ରାପ୍ତ ଅଧ୍ୟକ୍ଷା, ତାଙ୍କର ଚିକିତ୍ସକ ସ୍ୱାମୀ ଓ ମୁଖ୍ୟ କିରାଣୀ ଦରମା କିପରି ପାଇଲେ ବୋଲି ଏବେ ପ୍ରଶ୍ନ ଉଠିଛି । ଏପରିକି ପରୀକ୍ଷା ତାରିଖ ପରିବର୍ତ୍ତନ କରି କଲେଜରେ ଖେଳକୁଦ ପାଇଁ କେଉଁଠୁ ପାଣ୍ଠି ଆସୁଛି ବୋଲି ଅନେକ କର୍ମଚାରୀ ମଧ୍ୟ ପ୍ରଶ୍ନ କରିଛନ୍ତି । ପୂର୍ବରୁ ଏହି ହୋମିଓପାଥି ମେଡ଼ିକାଲ କଲେଜରେ ଔଷଧ ଅଭାବ ସହ ଅନ୍ୟାନ୍ୟ କ୍ଷେତ୍ରରେ ଅନିୟମିତତାକୁ ନେଇ ଅଭିଯୋଗ ହୋଇ ଆସୁଛି । ଦୀର୍ଘ ବର୍ଷ ଧରି କଲେଜରେ ଅଧ୍ୟାପନା ଓ ଏବେ ଅଧ୍ୟକ୍ଷା ଦାୟିତ୍ୱରେ ଥିବା ସମ୍ପୃକ୍ତ ଡ଼ାକ୍ତରଙ୍କ କାର୍ଯ୍ୟକୁ ନେଇ ସରକାରଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି ।

ଅଭିଯୋଗ ଅନୁସାରେ କଲେଜରେ କାର୍ଯ୍ୟରତ ଅନ୍ୟ ଡ଼ାକ୍ତର ଓ କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଇ ନାହିଁ । ଏପରିକି ଏଥିପାଇଁ ସରକାରଙ୍କ ନିକଟରେ ପାଣ୍ଠି ନାହିଁ ବୋଲି କୁହାଯାଉଛି । ଏପରି ସ୍ଥିତିରେ ଭାରପ୍ରାପ୍ତ ଅଧ୍ୟକ୍ଷା ଡ଼ା ପୁଷ୍ପାଞ୍ଜଳି ପାତ୍ର, ତାଙ୍କର ସ୍ୱାମୀ ତଥା କାର୍ଯ୍ୟରତ ଡ଼ାକ୍ତର ଓ ଅଫିସର ମୁଖ୍ୟ କିରାଣୀଙ୍କୁ କିପରି ଦରମା ପ୍ରଦାନ କରାଗଲା? ପାଣ୍ଠି ଅଭାବ କେବଳ କ'ଣ କର୍ମଚାରୀଙ୍କ ପାଇଁ ଓ ଅଧ୍ୟକ୍ଷାଙ୍କ ପାଇଁ କାହିଁକି

- **ଭାରପ୍ରାପ୍ତ ଅଧ୍ୟକ୍ଷା, ତାଙ୍କ ଡ଼ାକ୍ତର ସ୍ୱାମୀ ଓ କିରାଣୀଙ୍କ ସହ ମାତ୍ର ୩ ଜଣଙ୍କୁ ଦରମା**
- **ଅନ୍ୟ ବାଟରେ ଖର୍ଚ୍ଚ ହୋଇ ଯାଇଛି କର୍ମଚାରୀମାନଙ୍କ ଦରମା ବାବଦ ଆଲଟମେଣ୍ଟ**

ନୁହେଁ ବୋଲି ଅନେକ ପ୍ରଶ୍ନ କରିଛନ୍ତି । ଏପରିକି ଯେଉଁ କର୍ମଚାରୀମାନେ ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କୁ ପଚରାଉଚରା କରୁଛନ୍ତି, ସେମାନଙ୍କୁ ଆୟୁଷ ନିର୍ଦ୍ଦେଶକଙ୍କ ନାମ ନେଇ ଭୟଭୀତ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି ।

ସାଧାରଣତଃ ପ୍ରତିବର୍ଷ କଲେଜର ବିଭିନ୍ନ କାର୍ଯ୍ୟ ଓ କର୍ମଚାରୀ ଦରମା ବାବଦରେ ସରକାରଙ୍କ ଆଲଟମେଣ୍ଟ ଆସିଥାଏ । ମାତ୍ର ବର୍ଷ ଶେଷ ପୂର୍ବରୁ ଏହି ଆଲଟମେଣ୍ଟ ଅର୍ଥ କୁଆଡ଼େ ଉଭାନ ହୋଇଗଲା ତାହା ଜଣା ପଡୁନାହିଁ। ଅନ୍ୟପକ୍ଷରେ ଆୟୁଷ ନିର୍ଦ୍ଦେଶାଳୟର ନିର୍ଦ୍ଦେଶାନୁସାରେ କର୍ମଚାରୀଙ୍କ ଦରମା ବାବଦ ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ କରାଯାଇଥିବା ସଂକ୍ରାନ୍ତରେ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ଯାହା ସୂଚନା ଦେଇଛନ୍ତି, ତାହା ମଧ୍ୟ ବିଶ୍ୱାସଯୋଗ୍ୟ ହେଉନାହିଁ । ଏହାବ୍ୟତୀତ କଲେଜରେ ପରୀକ୍ଷା ପାଇଁ ତାରିଖ ଘୋଷଣା ହେବା ପରେ ତାହାକୁ ବନ୍ଦ କରାଯାଇ ଖେଳକୁଦ ଆୟୋଜନକୁ ନେଇ ମଧ୍ୟ ଅନେକ ବିରୋଧ କରିଛନ୍ତି । ଏହି କାର୍ଯ୍ୟକ୍ରମ ପାଇଁ ସ୍ୱାସ୍ଥ୍ୟ ବିଭାଗ ଓ ଆୟୁଷ ନିର୍ଦ୍ଦେଶାଳୟର ନିର୍ଦ୍ଦେଶ ଅଛି କି ନାହିଁ ତାହା ବି ଜଣାନାହିଁ। ଯାହାକୁ ନେଇ କର୍ମଚାରୀଙ୍କ ମହଲରେ ସନ୍ଦେହ ସୃଷ୍ଟି ହୋଇଛି । ତେଣୁ ଆୟୁଷ ନିର୍ଦ୍ଦେଶାଳୟ ଏ ସମ୍ପର୍କରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି। ଏହି ଅଭିଯୋଗର ପ୍ରତିକ୍ରିୟା ନେବାକୁ ଅଧ୍ୟକ୍ଷାଙ୍କ ସହ ଯୋଗାଯୋଗ କରାଯିବାକୁ ଉଦ୍ୟମ ହୋଇଥିଲା । ମାତ୍ର ସେ ଫୋନ୍ ନ ଉଠାଇବା ଯୋଗୁଁ ତାଙ୍କ ମତାମତ ନିଆଯିବା ସମ୍ଭବ ହୋଇନାହିଁ ।

# ଓଡ଼ିଶାର ବନ୍ଦର ସଂଯୋଗ ଓ ଲଜିଷ୍ଟିକ୍ସ ଉନ୍ନତି ପାଇଁ ୨୯ ପ୍ରକଳ୍ପ

ଭୁବନେଶ୍ୱର, ୧୦।୩(ସମିସ): ଓଡିଶାର ବନ୍ଦରଗୁଡ଼ିକର ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ଲଜିଷ୍ଟିକ୍ସ ବିକାଶ ପାଇଁ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ପାରାଦୀପ, ଧାମରା, ସୁବର୍ଣ୍ଣରେଖା ଓ ଗୋପାଳପୁର ବନ୍ଦରକୁ ରେଳ ଓ ରାସ୍ତା ମାଧ୍ୟମରେ ସଂଯୋଗୀକରଣ ପାଇଁ ମୋଟ୍ ୨୯ ଟି ପ୍ରକଳ୍ପ ନିର୍ମାଣାଧୀନ ରହିଛି। ତନ୍ମଧ୍ୟରୁ ୧୩ଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବାବେଳେ ୯ ଟି କାର୍ଯ୍ୟାନ୍ୱୟନ ଅପେକ୍ଷାରେ ରହିଛି। ଏହାସହ ଆଉ ୭ ଟି ପ୍ରକଳ୍ପ ପାଇଁ ଯୋଜନା ପ୍ରସ୍ତୁତି ସ୍ତରରେ ରହିଛି। ରାଜ୍ୟ ସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତର ଦେଇ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ଯେ ଓଡିଶାର ବନ୍ଦରଗୁଡ଼ିକୁ ସଂଯୋଗ ପାଇଁ ନୂତନ ରେଳପଥ ନିର୍ମାଣ, ଅଟୋ-ସିଗ୍ନାଲିଂ, ରେଳ ଓଭର ବ୍ରିଜ୍ ଓ ଜଳପଥ ସଂଯୋଗ ଇତ୍ୟାଦି ପ୍ରକଳ୍ପ କରାଯାଉଛି। ତୁବୁରି-ଚଣ୍ଡିଖୋଲ-ପାରାଦୀପ ୪ ଧାଡିଆ ରାସ୍ତା, ଭଦ୍ରକ-ଭିଜୟନଗରମ୍ ତୃତୀୟ ରେଳ ଲାଇନ୍, ସିଜୁ-ପାରାଦୀପ ମଧ୍ୟରେ ଫ୍ଲାଏଓଭର ପରି ଏକାଧିକ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ରହିଛି। ପାରାଦୀପ ବନ୍ଦରରେ କଣ୍ଟେନର କର୍ପୋରେସନ ଅଫ୍ ଇଣ୍ଡିଆ (କନ୍‌କର୍) ଦ୍ୱାରା ପ୍ରାୟ ୨୬୦ କୋଟି ଟଙ୍କା ଖର୍ଚ୍ଚରେ ଏକ ମଲ୍ଟିମୋଡାଲ୍ ଲଜିଷ୍ଟିକ୍ସ ପାର୍କ (ଏମ୍‌ଏମ୍‌ଏଲ୍‌ପି) ଉନ୍ନତିକରଣ କରାଯାଇଛି। ଏଥିପାଇଁ ପାରାଦୀପ ପୋର୍ଟ ଅଥରିଟି ପକ୍ଷରୁ ୧୦୦ ଏକର ଜମି ଯୋଗାଇ ଦିଆଯାଇଛି। ଏହାକୁ ସଡକ ସଂଯୋଗ ସହିତ ୭ଟି ରେଳ ସାଇଡିଂ ଓ ଗୋଦାମ ବ୍ୟବସ୍ଥା ରହିଛି। ଏହା ମାଧ୍ୟମରେ ଇଫ୍‌କୋ ଭଳି ସଂସ୍ଥାର ସାର ଲୋଡିଂ ଆବଶ୍ୟକତା ପୂରଣ ହେଉଛି। ସେହିପରି ସାଗରମାଳା ଯୋଜନାରେ ବନ୍ଦର ଆଧାରିତ ଉନ୍ନତିକରଣ କରାଯାଉଛି। ବନ୍ଦର ଆଧୁନିକୀକରଣ, ବନ୍ଦର ସଂଯୋଗ, ବନ୍ଦର ଆଧାରିତ ଶିଳ୍ପ ବିକାଶ, ସମୁଦ୍ରତଟ ଅଞ୍ଚଳର ସମୁଦାୟ ଉନ୍ନତି ଓ କୋଷ୍ଟାଲ୍ ଶିପିଂ ଭଳି କ୍ଷେତ୍ର ପାଇଁ ଏହି ଯୋଜନା ଅଧୀନରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ରାଜ୍ୟସଭା ନିର୍ବାଚନ

# ଦଳ ନିଷ୍ପତ୍ତିରେ ଯିବି: ସୋଫିଆ

ଭୁବନେଶ୍ୱର, ୧୦।୩ (ସମିସ): ରାଜ୍ୟସଭା ନିର୍ବାଚନରେ ଦଳର ନିଷ୍ପତ୍ତି ଅନୁଯାୟୀ ଆମେ ପ୍ରସ୍ତୁତ ଅଛୁ। ଦଳର ନିଷ୍ପତ୍ତି ପରେ ଆଉ କିଛି ପଚାରିବାର ନାହିଁ ବୋଲି କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋସ କହିଛନ୍ତି। ମଙ୍ଗଳବାର ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି, ରାଜ୍ୟସଭା ଉପରେ ପଚାରିବାର କୌଣସି ଆବଶ୍ୟକତା ନାହିଁ। ଦଳ ଯାହା ନିଷ୍ପତ୍ତି ନେବ, ଆମେ ସେଥିରେ ଯିବୁ ବୋଲି ସେ କହିଛନ୍ତି। କିଛି ଦିନ ହେବ ସୋଫିଆଙ୍କ ଭୋଟ୍‌କୁ ନେଇ ଚର୍ଚ୍ଚା ଲାଗି ରହିଥିଲା। ସୋଫିଆଙ୍କ ପିତା ତଥା ବରିଷ୍ଠ ରାଜନେତା ମହମ୍ମଦ ମୋକିମ ଓଡ଼ିଶା ଜନତା କଂଗ୍ରେସ ନାମରେ ନୂଆ ରାଜନୈତିକ ଦଳ ଗଢ଼ିବାକୁ ପ୍ରସ୍ତୁତ ହେଉଥିବା ବେଳେ ସୋଫିଆଙ୍କ ଆଭିମୁଖ୍ୟ ଉପରେ ନଜର ରହିଥିଲା। ହେଲେ ଆଜି ସେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି।

**ଅରବିନ୍ଦଙ୍କୁ ଭେଟିଲେ ଦତ୍ତେଶ୍ୱର**

ଅନ୍ୟପଟେ ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତା ମଙ୍ଗଳବାର ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଭେଟିଥିବା ଜଣାପଡ଼ିଛି। ସେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିବା ନେଇ ଡଃ ହୋତା କହିଛନ୍ତି।

# ଦିଲ୍ଲୀ ଏମ୍‌ସରେ ସୁରେଶ ପୂଜାରୀଙ୍କ ସଫଳ ଅସ୍ତ୍ରୋପ୍ରଚାର

ଭୁବନେଶ୍ୱର, ୧୦।୩ (ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦିଲ୍ଲୀ ଏମସ୍‌ରେ ଅସ୍ତ୍ରୋପ୍ରଚାର ହୋଇଛି। ଅସ୍ତ୍ରୋପ୍ରଚାର ସଫଳ ହୋଇଥିବା ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଏମ୍‌ସ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀ ପୂଜାରୀ ସେଠାରେ କିଛି ଦିନ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିବେ ଏବଂ ସୁସ୍ଥ ହେଲା ପରେ ଡାକ୍ତଖାନାରୁ ଫେରିବେ ବୋଲି ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମନ୍ତ୍ରୀ ଶ୍ରୀ ପୂଜାରୀ ଗତ ୩ ତାରିଖ ସନ୍ଧ୍ୟାରେ ଛାତିରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିବା ସହ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯିବା ସହ ଆଞ୍ଜିଓଗ୍ରାମ୍ କରାଯାଇଥିଲା। ସେ କରୋନାରି ଆର୍ଟେରି ରୋଗ (ସିଏଡି) ଓ ଟ୍ରିପଲ୍ ଭେସେଲ୍ ରୋଗ (ଟିଭିଡି) ରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ତାଙ୍କର ହୃତ୍‌ପିଣ୍ଡର ଧମନୀ ପ୍ରଭାବିତ ହୋଇଥିଲା। ଭୁବନେଶ୍ୱର ଏମ୍‌ସର ଚିକିତ୍ସା ଦଳ କାର୍ଡିଓଥୋରାସିକ୍ ଓ ଭାସ୍କୁଲାର୍ ସର୍ଜରୀ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ ମାଧ୍ୟମରେ ତାଙ୍କ ଅବସ୍ଥାକୁ ସ୍ଥିର କରିବାରେ ସଫଳ ହୋଇଥିଲେ। କିନ୍ତୁ ଉଚ୍ଚତର ଚିକିତ୍ସା ପାଇଁ ଗତ ଗୁରୁବାର ତାଙ୍କୁ ବିମାନ ଯୋଗେ ଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା।

- ଶୂନ୍ୟକାଳରେ ସୋଫିଆଙ୍କ ଦାବି

# ଶୈଳବାଳାକୁ ମିଳୁ ବିଶ୍ୱବିଦ୍ୟାଳୟ ମାନ୍ୟତା

ଭୁବନେଶ୍ୱର,୧୦।୩(ସମିସ): କଟକସ୍ଥିତ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ପାଇଁ ମଙ୍ଗଳବାର ବିଧାନସଭାରେ ଦାବି କରିଛନ୍ତି କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋସ। ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ସୋଫିଆ କହିଥିଲେ ଯେ ଶୈଳବାଳା ଓଡ଼ିଶାର ପ୍ରଥମ ମହିଳା ମହାବିଦ୍ୟାଳୟ। ଭାରତର ପ୍ରଥମ ୫ଟି ମହିଳା ମହାବିଦ୍ୟାଳୟ ମଧ୍ୟରୁ ଏହା ଅନ୍ୟତମ। ମାତ୍ର ଏଯାଏଁ ଏହାକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ମିଳିଲା ନାହିଁ। ଗତ ୫୦ଦିନ ଧରି ମହାବିଦ୍ୟାଳୟର ଛାତ୍ରୀମାନେ ରାଜରାସ୍ତାରେ ଆନ୍ଦୋଳନରତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଚଳିତ ବଜେଟରେ ୪ଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଘୋଷଣା କଲେ। ମାତ୍ର ଶୈଳବାଳାକୁ ଭୁଲିଗଲେ। ଏହି ମହାବିଦ୍ୟାଳୟ ହିଁ ମଧୁବାବୁଙ୍କ ପ୍ରକୃତ ସ୍ମୃତିସ୍ତମ୍ଭ। ସେଠାରେ ଯେଉଁ ଆନ୍ଦୋଳନ ଚାଲିଛି, ତାହାକୁ କଟକର ବୁଦ୍ଧିଜୀବୀମାନେ ମଧ୍ୟ ସମର୍ଥନ କରୁଛନ୍ତି। ତେଣୁ ଏହାକୁ ତୁରନ୍ତ ବିଶ୍ୱ ବିଦ୍ୟାଳୟ ବାବଦରେ ଘୋଷଣା କରାଯାଉ ବୋଲି ସେ ଦାବି କରିଥିଲେ।

# ରାଜ୍ୟରେ ଯଥେଷ୍ଟ ପରିମାଣରେ ରନ୍ଧନ ଗ୍ୟାସ୍ ମହଜୁଦ ଅଛି

ଭୁବନେଶ୍ୱର,୧୦।୩(ସମିସ): ରାଜ୍ୟରେ ରନ୍ଧନ ଗ୍ୟାସ (ଏଲପିଜି) ଏବଂ ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ସମ୍ପର୍କରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏକ ଉଚ୍ଚସ୍ତରୀୟ ବୈଠକ ପରେ ରାଜ୍ୟବାସୀଙ୍କୁ ଚିନ୍ତିତ ନ ହେବାକୁ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂଙ୍କ ସମେତ ଜାଳେଣି ଗ୍ୟାସ(ଏଲପିଜି) ଓ ଇନ୍ଧନ ତୈଳ ମାର୍କେଟିଂ କରୁଥିବା ଆଇଓସିଏଲ୍, ଏଚ୍‌ପିସିଏଲ ଓ ବିପିସିଏଲ ଆଦି କମ୍ପାନୀର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ। ବୈଠକ ପରେ ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ(ଏଲପିଜି) ଉପଲବ୍ଧ ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ସରକାରଙ୍କ ପାଇଁ ଅଡୁଆ ଅତିଥି ଅଧ୍ୟାପକ ବ୍ୟବସ୍ଥା

ଭୁବନେଶ୍ୱର, ୧୦।୩(ସମିସ): ଶିକ୍ଷାନୁଷ୍ଠାନରେ ଶିକ୍ଷକ ଆବଶ୍ୟକତାକୁ ତ୍ୱରିତ ପୂରଣ କରିବା ପାଇଁ ରାଜ୍ୟ ସରକାର ଅତିଥି ଅଧ୍ୟାପକ ବ୍ୟବସ୍ଥା ଆରମ୍ଭ କରିଥିଲେ। ଏହା ସମ୍ପୂର୍ଣ୍ଣ ଚୁକ୍ତିଭିତ୍ତିକ ଏବଂ ନିଯୁକ୍ତି ଅବଧି ବର୍ଷେ ରହିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରିଥିଲେ। ମାତ୍ର ଏହି ବ୍ୟବସ୍ଥା ଏବେ ସରକାରଙ୍କ ଶିର ପୀଡ଼ା ବଢ଼ାଉଛି। ସେମାନଙ୍କୁ ନିୟମିତ କରିବାକୁ ଦାବି କରି ଆଜି ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ଧାରଣା ଦେଇଛନ୍ତି।

୨୦୨୩-୨୪ ଶିକ୍ଷାବର୍ଷରୁ ଏଯାଏ ପ୍ରାୟ ୧୮୧୮ ଜଣ ଅଧ୍ୟାପକ/ଅଧ୍ୟାପିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଛନ୍ତି। ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସେମାନଙ୍କ କାର୍ଯ୍ୟକାଳ ୧୦ ମାସ ରହୁଛି। ଏହାପରେ ସେମାନଙ୍କୁ କାର୍ଯ୍ୟାନ୍ତର କରାଯାଉଛି। ପରବର୍ତ୍ତୀ ବର୍ଷ ପୁଣି ଆବଶ୍ୟକ ଅନୁଯାୟୀ ଅତିଥି ଅଧ୍ୟାପକ/ଅଧ୍ୟାପିକା ନିଯୁକ୍ତ କରାଯାଉଛି। ସେମାନେ ଯେପରି ପରବର୍ତ୍ତୀ ସମୟରେ ନିୟମିତ ହେବାକୁ ଦାବି କରିପାରିବେ ନାହିଁ ବା କୋର୍ଟଙ୍କ ଦ୍ୱାରସ୍ଥ ହେବେ ନାହିଁ, ସେଥିପାଇଁ ଏସବୁ ପଦକ୍ଷେପ ନିଆଯାଉଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

**ନିୟମିତ କରିବା ଦାବିରେ ଆନ୍ଦୋଳନ**

ମାତ୍ର ବିଭିନ୍ନ ଯୁକ୍ତି ନେଇ ସେମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ନିୟମିତ କରିବାକୁ ଦାବି କରିଛନ୍ତି। ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପିଜିଟି ଅଧ୍ୟାପକ ସଂଘ ସଭାପତି ଦୀନବନ୍ଧୁ ରଣାଙ୍କ କହିବା କଥା, ଶିକ୍ଷାନୁଷ୍ଠାନରେ ଅଧ୍ୟାପକ ନଥିବା ବେଳେ ସେମାନେ ସ୍ୱଳ୍ପ ଦରମାରେ ଶିକ୍ଷାଦାନ କରିଛନ୍ତି। ସରକାରଙ୍କ ତ୍ୱରିତ ଆବଶ୍ୟକତାକୁ ମଧ୍ୟ ପୂରଣ କରିଛନ୍ତି। ଏଣୁ, ସେମାନଙ୍କୁ ନିୟମିତ କରିବା ଦାବି ଯୁକ୍ତିଯୁକ୍ତ ବୋଲି ଶ୍ରୀ ରଣା କହିଛନ୍ତି।

ଅପରପକ୍ଷରେ ଶିକ୍ଷାବିତ୍‌ଙ୍କ କହିବା କଥା, ନିଯୁକ୍ତି ବିଜ୍ଞପ୍ତିରେ ନିଯୁକ୍ତି ସମ୍ପନ୍ଧୀୟ ସର୍ତ୍ତାବଳୀରେ ସ୍ପଷ୍ଟ ଉଲ୍ଲେଖ ରହିଥିଲେ ମଧ୍ୟ ସେମାନେ ନିୟମିତ କରିବା ଦାବିରେ ଆନ୍ଦୋଳନକୁ ଓହ୍ଲାଇବା ସରକାରଙ୍କ ପାଇଁ ନୂତନ ଚ୍ୟାଲେଞ୍ଜ ସୃଷ୍ଟି କରିବ। ଆଗକୁ ଉଚ୍ଚଶିକ୍ଷା ବିଭାଗ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ଅତିଥି ଅଧ୍ୟାପକମାନେ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇପାରନ୍ତି। ଏଣୁ ଶିକ୍ଷାନୁଷ୍ଠାନରେ ନିୟମିତ ପଦ ଶୀଘ୍ର ପୂରଣ କରା ନଗଲେ, ଏହି ଅତିଥି ଅଧ୍ୟାପକ ବ୍ୟବସ୍ଥା ସରକାରଙ୍କ ଶିର ପୀଡ଼ା ବଢ଼ାଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି।

ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା

# ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧୦।୩ (ସମିସ): ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ବିଭିନ୍ନ ନିୟମ ଅନୁପାଳନ ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଉପରୋକ୍ତ ସରକାରଙ୍କ ନୋଟିସ୍ ଆଧାରରେ ବିଶ୍ୱବିଦ୍ୟାଳୟଗୁଡ଼ିକ ରଖିଥିବା ଉତ୍ତରକୁ ମଧ୍ୟ ଦାଖଲ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। କିଟ୍ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି କହିଛନ୍ତି ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏପ୍ରିଲ ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବା ବେଳେ ପୂର୍ବରୁ ଜାରି ଅନ୍ତରୀଣ ନିର୍ଦ୍ଦେଶ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ହାଇକୋର୍ଟ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୫ ଡିସେମ୍ବର ୧୨ରେ ବିଶ୍ୱବିଦ୍ୟାଳୟ ଓ କଲେଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରି ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ୨୦୨୫ ସେପ୍ଟେମ୍ବର ୯ରେ ଜାରି କରାଯାଇଥିବା ଉଚ୍ଚଶିକ୍ଷା ବିଭାଗ କାରଣଦର୍ଶାଅ ନୋଟିସ୍ ଆଧାରରେ କିଟ୍ ବିରୋଧରେ କୌଣସି ପ୍ରକାର କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଥିଲେ।

# ବୃଦ୍ଧବୃଦ୍ଧାଙ୍କୁ ମିଳୁ ୩୦୦୦ ଟଙ୍କା ଭତ୍ତା

ଭୁବନେଶ୍ୱର,୧୦।୩(ସମିସ): ରାଜ୍ୟରେ ସମସ୍ତ ବୃଦ୍ଧ ଓ ବୃଦ୍ଧାଙ୍କୁ ମାସିକ ୩୦୦୦ ଟଙ୍କା ଭତ୍ତା ପ୍ରଦାନ ପାଇଁ ଶୂନ୍ୟକାଳରେ ଦାବି କରିଛନ୍ତି ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା। ସେ କହିଛନ୍ତି ଯେ ରାଜ୍ୟରେ ବୃଦ୍ଧ ଓ ବୃଦ୍ଧାଙ୍କୁ ମାସିକ ୩୦୦୦ ଟଙ୍କାର ଭତ୍ତା ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଥିଲା। ମାତ୍ର ଏବେ ୩୦୦୦ ଦୂରେ ଥାଉ, ସଠିକ୍ ସମୟରେ ସେମାନଙ୍କୁ ଭତ୍ତା ରାଶି ମିଳିପାରୁ ନାହିଁ। ଫଳରେ ସେମାନେ ବେଶ୍ ଅସହାୟ ଅବସ୍ଥାରେ ଅଛନ୍ତି। ସରକାର ତୁରନ୍ତ ଏନେଇ ଦୃଷ୍ଟି ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

- ଯୋଗାଣ ବିଭାଗ ଖର୍ଚ୍ଚ ଆଲୋଚନାରେ ମନ୍ତ୍ରୀଙ୍କ ଉତ୍ତର

# ଏମ୍‌ଏସ୍‌ପି ଉପରେ ୮୦୦ ଟଙ୍କା ସବ୍‌ସିଡି ଦେବୁ ବୋଲି କହି ନ ଥିଲୁ

ଭୁବନେଶ୍ୱର, ୧୦।୩ (ସମିସ): ପୂର୍ବ ବର୍ଷ ତୁଳନାରେ ୨୨ପ୍ରତିଶତ ଅଧିକ ଚାଷୀଙ୍କ ପଞ୍ଜୀକରଣ ହୋଇଛି। ଅଧିକ ଧାନ ଚାଷ ଯୋଗୁଁ ଧାନକିଣା ଆରମ୍ଭ ବେଳେ କେତେକ ପ୍ରାରମ୍ଭିକ ଚାପ ସୃଷ୍ଟି ହୋଇଥିଲା। କିନ୍ତୁ ଏବେ ଧାନକିଣା ସୁରଖୁରରେ ଚାଲିଛି। କାହାର ବି ଟୋକନ୍ ଲାପ୍ସ ଯିବନି। ସବୁ ପଞ୍ଜୀକୃତ ଚାଷୀଙ୍କଠାରୁ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କାରେ ଧାନ କିଣାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଆଜି ବିଭାଗର ଖର୍ଚ୍ଚ ଆଲୋଚନାର ଉତ୍ତର ରଖି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, ଆଜି ସୁଦ୍ଧା ୧୬ଲକ୍ଷ ୫୧ହଜାର ଚାଷୀଙ୍କ ଠାରୁ ୭୦ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଛି। ଏଥିପାଇଁ ୨୦୫୧୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏମଏସ୍‌ପିକୁ ନେଇ ବିରୋଧୀ ଯେଉଁ ଅଭିଯୋଗ କରିଛନ୍ତି, ତାହାର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଆମେ ଏମ୍‌ଏସ୍‌ପି ଉପରେ ୮୦୦ଟଙ୍କା ସବ୍‌ସିଡି ଦେବୁ ବୋଲି କହିନଥିଲୁ। ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେବୁ କହିଥିଲୁ। ଏହା ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ତେଣୁ ଏବେ ଏମ୍‌ଏସ୍‌ପି ୬୯ ଟଙ୍କା ବଢ଼ିଥିଲେ ବି ଆମେ ୩୧୦୦ଟଙ୍କା ଦେବୁ। ଧାନ ରଖିବାରେ ଗୋଦାମ ସମସ୍ୟା ହେଉଥିବାରୁ ୧୦ଲକ୍ଷ ମେଟ୍ରିକ ଟନ୍ ସଂରକ୍ଷଣ କ୍ଷମତା ବିଶିଷ୍ଟ ଗୋଦାମ ଘର କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୬ଲକ୍ଷ ମେଟ୍ରିକ ଟନ୍ ସଂରକ୍ଷଣ କ୍ଷମତା ବିଶିଷ୍ଟ ଗୋଦାମ ଘର ନିର୍ମାଣ ହେବ।

# ଇରାନ ସଙ୍କଟ ; ଭଡ଼ା ବଢ଼ାଇଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୧୦।୩(ଏଜେନ୍ସି): ମଧ୍ୟ ପ୍ରାଚ୍ୟ ସଙ୍କଟ ମଧ୍ୟରେ ଏୟାର ଇଣ୍ଡିଆ ଏହାର ଭଡ଼ା ବୃଦ୍ଧି କରିଛି। ବିମାନ କମ୍ପାନୀ ଘରୋଇ ବିମାନ ଟିକଟ ଉପରେ ଇନ୍ଧନ ସରଚାର୍ଜ ଲାଗୁ କରିବ। ଇରାନ୍ ଯୁଦ୍ଧ ଯୋଗୁଁ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍)ର ମୂଲ୍ୟ ବୃଦ୍ଧି ପରେ, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ମାର୍ଚ୍ଚ ୧୨ରୁ ପ୍ରତ୍ୟେକ ଘରୋଇ ବିମାନ ଟିକଟ ଉପରେ ୩୯୯ ଟଙ୍କାର ଇନ୍ଧନ ସରଚାର୍ଜ ଲାଗୁ କରିବେ। ଅନ୍ତର୍ଜାତୀୟ ବିମାନ କ୍ଷେତ୍ରରେ ମଧ୍ୟ ଇନ୍ଧନ ସରଚାର୍ଜ ବୃଦ୍ଧି କରାଯିବ। ମଙ୍ଗଳବାର ଜାରି ଏକ ବିବୃତ୍ତିରେ ବିମାନ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ନୂତନ ସରଚାର୍ଜ ବ୍ୟବସ୍ଥା ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ, ମାର୍ଚ୍ଚ ୧୨ରୁ ଘରୋଇ ଏବଂ ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଂଘ (ସାର୍କ) ବିମାନ ପାଇଁ ପ୍ରତି ଟିକଟରେ ୩୯୯ ଟଙ୍କାର ଇନ୍ଧନ ସରଚାର୍ଜ ଲାଗୁ ହେବ। ବିବୃତ୍ତିରେ ଆହୁରି କୁହାଯାଇଛି ଯେ ପଶ୍ଚିମ ଏସିଆକୁ ଉଡ଼ାଣ ପାଇଁ ଏହି ସରଚାର୍ଜ ୧୦ ଡଲାର, ଆଫ୍ରିକା ପାଇଁ ୯୦ ଡଲାର ଏବଂ ଦକ୍ଷିଣ ପୂର୍ବ ଏସିଆ ପାଇଁ ୬୦ ଡଲାର ହେବ। ସିଙ୍ଗାପୁରକୁ ଉଡ଼ାଣ ସମେତ ଏହି ସମସ୍ତ ପରିବର୍ତ୍ତନ ମାର୍ଚ୍ଚ ୧୨ ତାରିଖରୁ କାର୍ଯ୍ୟକାରୀ ହେବ। ବର୍ତ୍ତମାନ, ସିଙ୍ଗାପୁର ସେବାରେ କୌଣସି ଇନ୍ଧନ ସରଚାର୍ଜ ଲାଗିନାହିଁ। ଏକ ବିମାନ କମ୍ପାନୀର ପରିଚାଳନା ଖର୍ଚ୍ଚର ପ୍ରାୟ ୪୦% ଥିବା ବିମାନ ଟର୍ବାଇନ୍ ଇନ୍ଧନ ମୂଲ୍ୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏତାଛଡା ଭାରତରେ, ଦିଲ୍ଲୀ ଏବଂ ମୁମ୍ବଇ ଭଳି ପ୍ରମୁଖ ମେଟ୍ରୋ ସହରଗୁଡ଼ିକରେ ଏଟିଏଫ୍ ଉପରେ ଉଚ୍ଚ ଉତ୍ପାଦ ଶୁଳ୍କ ଏବଂ ଭାଟ୍ ଲାଗୁ ଏହି ଚାପକୁ ଆହୁରି ବୃଦ୍ଧି କରୁଛି, ଯାହା ଦ୍ୱାରା ଖର୍ଚ୍ଚ ଉପରେ ପ୍ରଭାବ ବଢୁଛି।

# ଆଜି ଆସୁଛି ଶିରିଡ଼ି ସାଇବାବାଙ୍କ ପବିତ୍ର ଚରଣ ପାଦୁକା

ଭୁବନେଶ୍ୱର, ୧୦।୩(ସମିସ): ଶିରିଡ଼ି ସାଇବାବାଙ୍କ ପବିତ୍ର ଚରଣ ପାଦୁକା ଆସନ୍ତାକାଲି (ବୁଧବାର) ଓଡ଼ିଶା ଆସୁଥିବା ଜଣାଯାଇଛି। ଶିରିଡ଼ି ସାଇବାବା ସଂସ୍ଥାନ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋରକ୍ଷ ଗାଡ଼ିଲକର, ଆଇଏଏସଙ୍କ ନେତୃତ୍ୱରେ ସଂସ୍ଥାନର ଏକ ଦଳ ଭୁବନେଶ୍ୱର ବିମାନବନ୍ଦରରେ ପାଦୁକା ସହ ପହଞ୍ଚିବା ପରେ ପାଦୁକାକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ବିମାନବନ୍ଦରରେ ପାଦୁକାକୁ ସ୍ୱାଗତ କରିବା ପରେ ବ୍ରହ୍ମପୁର, ଭୁବନେଶ୍ୱର ଓ କେନ୍ଦୁଝରରେ ଉପସ୍ଥିତ ରହି ପାଦୁକାକୁ ସ୍ୱାଗତ କରିବା ସହ ପୂଜାର୍ଚ୍ଚନା କରିବେ।



ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରୁ ପାଦୁକା ସିଧା ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିବ। ବ୍ରହ୍ମପୁରଠାରେ ୧୨ତାରିଖ ସକାଳେ ଗିରିରୋଡ୍‌ସ୍ଥିତ ଗୀତା ଭବନଠାରୁ ଏକ ବିରାଟ ଶୋଭାଯାତ୍ରାରେ ପାଦୁକାକୁ ଖଲ୍ଲିକୋଟ କଲେଜ ଷ୍ଟାଡ଼ିୟମକୁ ନିଆଯିବ। ସେଠାରେ ୧୨ ଓ ୧୩ ତାରିଖ ଦୁଇଦିନ ଧରି ଭକ୍ତମାନେ ପାଦୁକା ଦର୍ଶନ କରିବେ। ୧୪ ଓ ୧୫ତାରିଖରେ ଭୁବନେଶ୍ୱର ଜନତା ମଇଦାନରେ ବିଶାଳ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଠାରେ ସମଗ୍ର ଓଡ଼ିଶା ଓ ଓଡ଼ିଶା ବାହାରୁ ବହୁ ସଂଖ୍ୟକ ଭକ୍ତ ପାଦୁକା ଦର୍ଶନ ନିମନ୍ତେ ଆସିବେ ବୋଲି ଅନୁମାନ କରାଯାଉଛି। ୧୬ତାରିଖ ସକାଳୁ ପାଦୁକା କେନ୍ଦୁଝର ଅଭିମୁଖେ ଯାତ୍ରା କରିବ। ୧୬ ଓ ୧୭ତାରିଖ ଦୁଇଦିନ ଧରି ଭକ୍ତମାନେ କେନ୍ଦୁଝର ବାମପାରସ୍ଥିତ ଶିରିଡ଼ି ସାଇବାବାଙ୍କ ମନ୍ଦିରରେ ପାଦୁକା ଦର୍ଶନ କରିପାରିବେ।

# ରାଜ୍ୟସ୍ତରୀୟ ଲଉଡ଼ି ମହୋତ୍ସବ ଉଦ୍‌ଯାପିତ





## ଅବିର ଖେଳ ଓ ହରିବୋଲରେ କମ୍ପିଲା ପରିବେଶ

## ୬ଟି ଜିଲ୍ଲାରୁ ୬୪ଟି ଲଉଡ଼ି ଦଳଙ୍କ ନୃତ୍ୟ ପ୍ରଦର୍ଶନ

## ଯାଦବ ସଂସ୍କୃତି ଓ ପରମ୍ପରାର ହେଲା ମହାମିଳନ

**ନେମାଳ,୧୦।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ପଞ୍ଚସଖା ଯୁଗର ପ୍ରଖ୍ୟାତ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ନେମାଳସ୍ଥିତ ସାଧନା ପୀଠରେ ଯାଦବ ମହାସଭା ଆନୁକୂଲ୍ୟରେ ଆୟୋଜିତ ୫ ଦିନିଆ ୩୨ତମ ରାଜ୍ୟସ୍ତରୀୟ ଲଉଡ଼ି ମହୋତ୍ସବ ଅତ୍ୟନ୍ତ ଆଡମ୍ବର ସହକାରେ ଉଦଯାପିତ ହୋଇଯାଇଛି। ଦୋଳ ପୂର୍ଣ୍ଣିମା ଅବସରରେ ଆୟୋଜିତ ଏହି ଉତ୍ସବକୁ ବରିଷ୍ଠ ଆଇନଜୀବୀ ଶିଶିର କୁମାର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ମହାସଭାର ଉପସଭାପତି କାର୍ତ୍ତିକଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାଂସ୍କୃତିକ ମହାକୁମ୍ଭରେ ଯାଦବ ସଂସ୍କୃତିର ପ୍ରତୀକ "ଲଉଡ଼ି' ଓ "ଓଗାଳ' ଗୀତର ମହତ୍ତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ମହୋତ୍ସବରେ ଓଡ଼ିଶାର ୬ଟି ଜିଲ୍ଲାରୁ ପ୍ରାୟ ୬୪ଟି ଲଉଡ଼ି ଦଳ ଅଂଶଗ୍ରହଣ କରିଥିଲେ। ନେମାଳ, ଉତ୍ତରକୂଳ, ହରିଶପୁର, ଦାଇଁଲୋ ଭଳି ବିଭିନ୍ନ ଅଞ୍ଚଳରୁ ଆସିଥିବା ଲଉଡ଼ିଆ ଭାଇମାନେ ସେମାନଙ୍କ ପାରମ୍ପରିକ ପୋଷାକରେ ସଜ୍ଜିତ ହୋଇ ଲଉଡ଼ି ବାଡ଼ିର ତାଳେ ତାଳେ ଅପୂର୍ବ ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଭିନ୍ନ ସନ୍ଧ୍ୟାରେ କଟକ ସଦର ବିଧାୟକ ଇଞ୍ଜିନିଅର ପ୍ରକାଶ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଓ ସମାଜସେବୀ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିବା ସହ ଯାଦବ ମହାସଭାର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ମହୋତ୍ସବର ଅନ୍ତିମ ପର୍ଯ୍ୟାୟରେ "ଗୋପୀ ବନ୍ଦାପନା' ଓ "ଅବିର ଖେଳ' ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। ହରିବୋଲ ଓ ହୁଳହୁଳି ଶବ୍ଦରେ ସମଗ୍ର ପଦ୍ମବନ ପୀଠ ପ୍ରକମ୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରସାଦ ଦାସ, ସଂଗଠନ ସମ୍ପାଦକ ରାଧାଶ୍ୟାମ ଦାସ ଓ ଯାଦବ ମହାସଭାର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ଗୋପୀନାଥଜୀଉ ଓ ଅଚ୍ୟୁତାନନ୍ଦ ଟ୍ରଷ୍ଟ, ସ୍ଥାନୀୟ ବଜାର କମିଟି ଏବଂ ପୁଲିସ ପ୍ରଶାସନର ସହାୟତାରେ ଏହି ମହୋତ୍ସବ ସଫଳତାର ସହ ଶେଷ ହୋଇଥିବା ବେଳେ ସାମ୍ବାଦିକ ଗୋବିନ୍ଦଚନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଅସୁରେଶ୍ୱର ଛତ୍ରାହାଟ ଦୋଳ ମେଳଣ ସମ୍ପନ୍ନ



**ନିଶ୍ଚିନ୍ତକୋଇଲି,୧୦।୩(ସମିସ):** ପବିତ୍ର ଚୈତ୍ର କୃଷ୍ଣ ସ୍କନ୍ଦ ଷଷ୍ଠୀ ତିଥିରେ ଅସୁରେଶ୍ୱର ପ୍ରସିଦ୍ଧ ହୋଲି ଏବଂ ଛତ୍ରାହାଟ ଦୋଳ ମେଳଣ ମହାସମାରୋହରେ ଅନୁଷ୍ଠିତ ହୋଇଛି। ସୋମବାର ରାତ୍ରିରେ ୧୫୦ ବର୍ଷରୁ ଉଦ୍ଧ୍ୱର୍ ହେବ ଅନୁଷ୍ଠିତ ହେଉଥିବା ଦୋଳ ମେଳଣରେ ଗାଦିଶ୍ୱର ଭାବେ ପ୍ରଭୁ ଦଧିବାମନଜୀଉଙ୍କ ଚଳନ୍ତି ପ୍ରତିମା ବିମାନ ଅଧିଷ୍ଠିତ ହେବା ପରେ ବିଭିନ୍ନ ସ୍ଥାନରୁ ୨୬ଟି ଦୋଳ ବିମାନ ବିରାଟ ପଟୁଆରରେ ଆସି ଯାତ୍ରା ମଣ୍ଡପରେ ଅଧିଷ୍ଠିତ ହୋଇଥିଲେ। ମା' ବୁଢ଼ୀ ଜାଗୁଳାଇ ମେଳଣ କମିଟି ପକ୍ଷରୁ ସମସ୍ତ ବିମାନରେ ଅଧିଷ୍ଠିତ ହୋଇଥିବା ଦେବାଦେବୀଙ୍କର ଚଳନ୍ତି ପ୍ରତିମାକୁ ଯଥାରୀତି ପୂଜାର୍ଚ୍ଚନା ଓ ଆଳତୀ କରାଯିବା ସହ ନୈବେଦ୍ୟ ଓ ନୂତନ ବସ୍ତ୍ର ଅର୍ପଣ କରାଯାଇଥିଲା। ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ ଦାସ ଓ ମେଳଣ କମିଟିର ସଂପାଦକ ବିଜୟ ସାହୁ, ଲକ୍ଷ୍ମଣ ବେହେରା, ନାରାୟଣ ବେହେରା, ପ୍ରଦୀପ ସିଂ, ଜିତେନ୍ଦ୍ର ସିଂ, ରାଜେନ୍ଦ୍ର ବେହେରା, ଅଲେଖଚନ୍ଦ୍ର ବେହେରା ପ୍ରମୁଖ ଏହି ଆଧ୍ୟାତ୍ମିକ କାର୍ଯ୍ୟକୁ ପରିଚାଳନା କରିଥିଲେ। ଏକ ଦେବସଭା କରାଯାଇ ମେଳଣ ସଂକ୍ରାନ୍ତରେ ଆଲୋଚନା କରାଯିବା ପରେ ବିମାନଗୁଡ଼ିକ ମେଲାଣି ନେଇଥିଲେ।

## ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ; ୩ ଯୁବକ ଗିରଫ

**କଣ୍ଟାପଡା,୧୦।୩(ସମିସ):** କଣ୍ଟାପଡା ବ୍ଲକ ଗୋବିନ୍ଦପୁର ଥାନା ଉରାଡ ପଞ୍ଚାୟତ ଅଞ୍ଚଳରେ ଜଣେ ଦଳିତ ଯୁବତୀଙ୍କୁ ତିନିଜଣ ଯୁବକ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ରୁଜୁ କରିବା ସହ ଘଟଣାର ୩ ଦିନ ପରେ ଗୋବିନ୍ଦପୁର ପୁଲିସ ତିନିଜଣଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ସେହି ଗ୍ରାମର ରାଜେଶ ଭୋଇ (୨୨), ଅଲେଖ ଭୋଇ (୨୩) ଓ ପିଣ୍ଟୁ ଭୋଇ (୨୪)। ଅପରପକ୍ଷରେ ମାମଲା ରଫା ଦଫା କରିବା ପାଇଁ ଯୁବତୀଙ୍କ ବାପାଙ୍କୁ ଚାପ ପକାଯାଉଥିବାର ଅଭିଯୋଗ ହୋଇଛି। ପ୍ରକାଶଥାଉକି ପୀଡିତା ବୁଧବାର ହୋଲି ଖେଳିସାରି ପଡିଆକୁ ଯାଇଥିବା ସମୟରେ ତାକୁ ସେହି ସାହିର ରାଜେଶ, ଅଲେଖ ଓ ପିଣ୍ଟୁ ବଣ ଭିତରକୁ ଟେକି ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଯୁବତୀ ଜଣକ କୌଶଳକ୍ରମେ ସେଠାରୁ ଖସିଆସି ପରିବାର ଲୋକଙ୍କୁ କହିବା ପରେ ପରିବାର ଲୋକେ ଥାନାର ଆଶ୍ରୟ ନେଇଥିଲେ। ଥାନା ଆଇଆଇସି ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା ଓ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ପିଠା ଖାଇ ପରିବାରର ୭ ଅସୁସ୍ଥ

**ନରସିଂହପୁର,୧୦।୩(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମରେ ଖାଦ୍ୟ ବିଷାକ୍ତ ହୋଇ ଗୋଟିଏ ପରିବାରର ୭ ଜଣ ସଦସ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସମସ୍ତ ଅସୁସ୍ଥଙ୍କୁ ତୁରନ୍ତ ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମପୁରା ଗ୍ରାମର ପଦ୍ମ ଚରଣ ବେହେରାଙ୍କ ଘରକୁ ଗତ ମଙ୍ଗଳବାର କୌଣସି ଶୁଭ କାର୍ଯ୍ୟ ପାଇଁ ପିଠା ଓ ମିଠା ଆସିଥିଲା। ତେବେ ସେହି ଖାଦ୍ୟ ଖାଇବା ପରେ ଗତରାତିରୁ ପରିବାରର ସଦସ୍ୟମାନଙ୍କୁ ବାରମ୍ବାର ଝାଡ଼ାବାନ୍ତି ହୋଇଥିଲା। ଖାଦ୍ୟ ବିଷାକ୍ତ ହେବା ଯୋଗୁଁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଥିବା ଜଣାପଡ଼ିଛି। ଅସୁସ୍ଥମାନଙ୍କ ମଧ୍ୟରେ ସବିତା ବେହେରା (୪୪), ସୁଲୋଚନା ବେହେରା (୪୫), ପଦ୍ମ ଚରଣ ବେହେରା (୪୮), ଶିଶୁଳା ବେହେରା (୭୦), ମଳୟ ବେହେରା (୧୪), ରାଜୀବ ଲୋଚନ ବେହେରା (୨୮) ଏବଂ ମଣ୍ଟୁ ବେହେରା (୨୨) ରହିଛନ୍ତି। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ 'ମୁକ୍ତି ସଙ୍ଗଠନ'ର ଏକ ଦଳ ସେଠାରେ ପହଞ୍ଚି ରୋଗୀଙ୍କ ସେବା ଓ ସହଯୋଗ କରିଥିଲେ। ବର୍ତ୍ତମାନ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି।

## ମହିଳାଙ୍କ ବେକରୁ ସୁନାହାର ଲୁଟ୍

**ସାଲେପୁର,୧୦।୩(ସମିସ):** ସାଲେପୁର ବଜାରରେ ଲୋକଗହଳି ଲାଗି ରହିଥିବା ସମୟରେ ବିକଳାନନ୍ଦ କରଙ୍କ ଦୋକାନ ଆଗରେ କାର ରଖି ମିଠା କିଣିବାକୁ ଯାଇଥଲେ ପରିବାର ବର୍ଗ। କାରରେ ବସିଥିବା ସ୍ଥାନୀୟ ଅଞ୍ଚଳର ଅନ୍ନପୂର୍ଣ୍ଣା ଦାଶଙ୍କ ବେକରୁ ଏକ ଦାମୀ ସୁନାହାରକୁ ୨ଜଣ ଦୁର୍ବୃତ୍ତ ହଠାତ୍ ବାଇକ୍‌ରେ ଆସି ଝାମ୍ପିନେଇ ପଳାଇଥିଲେ। କାର୍‌ର କାଚ ଖୋଲା ଥିଲାବେଳେ ମହିଳା ଜଣକ ପଛ ସିଟ୍‌ରେ ବସିଥିଲେ। ସ୍ୱାମୀ ସଚ୍ଚିଦାନନ୍ଦ ଦାଶଙ୍କ ଅନୁପସ୍ଥିତିରେ ସୁନାହାରଟିକୁ ଝାମ୍ପିନେଇ ଯାଇଥିବାବେଳେ ମହିଳା ଜଣକ ଚିତ୍କାର କଲାବେଳକୁ ଦୁର୍ବୃତ୍ତମାନେ ରାସ୍ତା ପାର ହୋଇ କଟକ ଆଡକୁ ପଳାଇଯାଇଥିଲେ। ସିସିଟିଭିରେ ଏହି ଲୁଟ ବେଳର ଦୃଶ୍ୟ କଏଦ୍ ଥିବା ନେଇ ସାଲେପୁର ପୁଲିସ ତଦନ୍ତ କରୁଛି। ସାଲେପୁର ପୁଲିସ ଏହି ଘଟଣାରେ ସାଲେପୁର ଥାନାରେ ୧୪୯/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଖୁବ୍ ଶୀଘ୍ର ଦୁର୍ବୃତ୍ତ ଧରାପଡିବେ ବୋଲି ସାଲେପୁର ଆଇଆଇସି ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

## ମା' ମଙ୍ଗଳାଙ୍କ ମନ୍ଦିର ନିର୍ମାଣ ଆରମ୍ଭ

**ସାଲେପୁର,୧୦।୩(ସମିସ):** ଯୁବ ସମାଜସେବୀ ଚାଟାର୍ଡ ଆକାଉଣ୍ଟାଣ୍ଟ ଗୋଲଖଚନ୍ଦ୍ର ପରିଡ଼ା ଓ ତାଙ୍କ ଧର୍ମପତ୍ନୀ ଡିମ୍ପଲ ପରିଡ଼ାଙ୍କ ସହାୟତାରେ ମା'ମଙ୍ଗଳାଙ୍କ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏନେଇ ଉତ୍ତର ବଟେଶ୍ୱର ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଉତ୍ତର ବଟେଶ୍ୱର ଗ୍ରାମରେ ମା'ମଙ୍ଗଳା ମୂର୍ତ୍ତି ଏକ ଛାତ ଘରେ ରହି ପୂଜା ପାଉଥିବାବେଳେ ମା'ଙ୍କର ଏକ ମନ୍ଦିର ନିର୍ମାଣ ପାଇଁ ଗ୍ରାମବାସୀମାନେ ବହୁ ନେତା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ବିଫଳ ହୋଇଥିଲେ। ଶେଷରେ ସ୍ଥାନୀୟ ଅଞ୍ଚଳର ଯୁବ ସମାଜସେବୀ ଗୋଲଖଚନ୍ଦ୍ର ପରିଡ଼ାଙ୍କୁ ଏ ସଂପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରିଡ଼ା ଦମ୍ପତିଙ୍କ ସହାୟତାରେ ଗତ ୩ଦିନ ହେବ ମା' ମଙ୍ଗଳାଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।

## ନୂଆସାହି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫ୍ରେଣ୍ଡସ ଏକାଦଶ ଚାମ୍ପିଅନ



**ଚୌଦ୍ୱାର,୧୦।୩(ସମିସ):** ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡର ନୂଆସାହି ସ୍ପୋର୍ଟସ୍ କ୍ଲବ୍ ଆନୁକୂଲ୍ୟରେ ନୂଆସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଗତ ୩ ଦିନ ଧରି ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଅଞ୍ଚଳର ୮ଟି କ୍ରିକେଟ ଟିମ ଯୋଗଦେଇଥିଲେ। ଫ୍ରେଣ୍ଡସ୍ ଏକାଦଶ ଓ ଦି ବୁଲ କ୍ଲବ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଫ୍ରେଣ୍ଡସ୍ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୭୪ରନ ସଂଗ୍ରହ କରିଥିଲା। ଜବାବରେ ଦି ବୁଲ ମାତ୍ର ୬୧ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଫ୍ରେଣ୍ଡସ୍ ଏକାଦଶ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ବେଳେ ଫ୍ରେଣ୍ଡସର ରଜତ ପଣ୍ଡା ୧୩ ବଲରେ ୫୨ରନ କରି ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଖେଳ ପଡ଼ିଆରେ ଇମ୍ପା ପକ୍ଷରୁ ନୂତନ ଭାବେ ନିର୍ମାଣ କରାଯାଇଥିବା ପେଣ୍ଡାଲକୁ ଉଦ୍‌ଘାଟନ କରିବା ସହିତ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଇମ୍ପା ଲୋକସଂପର୍କ ମ୍ୟାନେଜର ମାନସ ବସନ୍ତିଆ, ଅଭିଷେକ ଘୋଷ, ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ପରିଚାଳକ ତ୍ରିଦେବ ବେହେରା, ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ସଭାପତି ଜ୍ଞାନେନ୍ଦ୍ର ସ୍ୱାଇଁ, କାଉନସିଲର ଆଶୁତୋଷ ଦାସ, କବିତାରାଣୀ ଲେଙ୍କା, ଭାସ୍କର ଚନ୍ଦ୍ର ପ୍ରଧାନ, ସୁବାଷ ବାରିକ ପ୍ରମୁଖ ଏଥିରେ ଅତିଥିଭାବେ ଯୋଗଦେଇଥିଲେ। ସୁଜିତ ବେହେରା, ଡାନିଏଲ ପାତ୍ରୀ, ଅମୂଲ୍ୟ ବେହେରା, ଦ୍ୟୁତି ରଞ୍ଜନ ବେହେରା, ସୌମ୍ୟ ରଞ୍ଜନ ନାୟକଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ



**ନିଶ୍ଚିନ୍ତକୋଇଲି,୧୦।୩(ସମିସ):** ସାପ୍ତାହିକ ହାଟସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ମହାବୀରଜୀଉଙ୍କ ବିଜେସ୍ଥଳି ମାନସ ମଣ୍ଡପରେ ୩୭ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମହାସମାରୋହରେ ଆରମ୍ଭ ହୋଇଛି। ଶ୍ରୀ ଶ୍ରୀ ରଘୁନାଥ ଅନୁକମ୍ପା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ୯ଦିନିଆ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ଉତ୍ସବର ପ୍ରଥମ ଦିନରେ ପ୍ରତ୍ୟୁଷରୁ ମଙ୍ଗଳ ଆଳତି ଓ ପ୍ରଭାତ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ବ୍ରହ୍ମପୁରରୁ ଆସିଥିବା ବ୍ୟାସ ସଚ୍ଚି ମହାରାଜଙ୍କ ଦ୍ୱାରା ପାରାୟଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିବା ବେଳେ ପ୍ରବଚକ ସତ୍ୟଚୈତନ୍ୟ ମହାରାଜ ନାମ ମାହାତ୍ମ୍ୟ ପ୍ରସଙ୍ଗରେ ଭକ୍ତମାନଙ୍କୁ ପ୍ରବଚନ ପ୍ରଦାନ କରିଥିଲେ। ମଣ୍ଡପରେ ରାମାୟଣର ବିଭିନ୍ନ ଦେବାଦେବୀଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଓ ହୋମ କାର୍ଯ୍ୟ ଜାରି ରହିଛି। ପରିଷଦର ମୁଖ୍ୟ ଉପଦେଷ୍ଟା ବଂଶୀଧର ପଣ୍ଡାଙ୍କ ସଂଯୋଜନାରେ ପୂଜକ ରୂପକ କୁମାର ହୋତା ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏଥିରେ ଅଶୋକ ମହାପାତ୍ର ଓ ତାଙ୍କ ପତ୍ନୀ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ପରିଷଦର ସଭାପତି ସଂଗ୍ରାମ କିଶୋର ମହାନ୍ତିଙ୍କ ନେତୃତ୍ୱରେ ସମ୍ପାଦକ ଶାନ୍ତନୁ ସାହୁ, ସହ ସମ୍ପାଦକ ସୁଶୀଲ ସେନାପତି, କୋଷାଧ୍ୟକ୍ଷ ସୁମନ୍ତ ରଥ ଏବଂ ଅନ୍ୟାନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଆସନ୍ତା ୧୭ ତାରିଖରେ ଏହି ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ସୂଚନା ଦିଆଯାଇଛି।

## ଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ଉଦ୍‌ଯାପିତ



**ଟାଙ୍ଗୀ,୧୦।୩(ସମିସ):** ଶ୍ରୀ ଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ଏବଂ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ତତ୍ତ୍ୱାବଧାନରେ ଟାଙ୍ଗୀ ବିଦ୍ୟାପୀଠ ଖେଳ ପଡ଼ିଆରେ ହେଉଥିବା ଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିନରେ ଯଜ୍ଞାଦି କର୍ମମାନ କରାଯାଇ ଅପରାହ୍ନରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଧାରାବାହିକ ପ୍ରବକ୍ତା ତଥା ଅନ୍ତଃରାଷ୍ଟ୍ରୀୟ ଜଗନ୍ନାଥ ମହିମା ପ୍ରଚାରକ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜା ଯୋଗଦେଇ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥଙ୍କ ଉପରେ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମରେ ଭକ୍ତ ସମାଜର ସାଧାରଣ ସମ୍ପାଦକ ଶରତ ଖୁଣ୍ଟିଆ, ଡ. ପ୍ରମୋଦ ରଥ, ହିମାଂଶୁ ମହାନ୍ତି, ତାପସ ରଞ୍ଜନ ମଲ୍ଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ବିଜେପି ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି, ଚୌଧୁରୀ ହେମନ୍ତ ସାହୁ ଯୋଗଦେଇଥିବା ବେଳେ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ସଂଯୋଜକ ବିଜୟ ସାହୁ, ସମ୍ପାଦକ ନାରାୟଣ ସ୍ୱାଇଁ, ଶୁଭେନ୍ଦ୍ର ଷଡ଼ଙ୍ଗୀ, ଅଶୋକ ପୃଷ୍ଟି, ବିଭୂତି ଭୂଷଣ ସାହୁ, ବିନୋଦ ବେଉରା, ଅନନ୍ତ ନାୟକ, ସନ୍ତୋଷ ଧର, ଅଜୟ ଦାସ ମହାପାତ୍ର, ବାବାଜୀ ମହାନ୍ତି, ଆକାଶ ପାତ୍ର, କ୍ଷିତେନ୍ଦ୍ର କାନୁନଗୋ, ଅର୍ଜୁନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। କୋଟସାହିସ୍ତରୀୟ ମହାସଂଘ ଓ ଗୀତା ଆଲୋଚନା ଚକ୍ରର ସମସ୍ତ ସଦସ୍ୟା ସହଯୋଗ କରିଥିଲେ। ବିଭିନ୍ନ ପଞ୍ଚାୟତର ଶହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ଜଗନ୍ନାଥଙ୍କ ୨୪ବେଶ ଦେଖିଥିଲେ।

## ନାଗେଶ୍ୱର ମହାଦେବଙ୍କ ବିଶ୍ୱଶାନ୍ତି ଯଜ୍ଞ



**ନିଶ୍ଚିନ୍ତକୋଇଲି,୧୦।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ପଞ୍ଚାୟତ ସାଙ୍କିଲୋ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ନାଗେଶ୍ୱର ମହାଦେବଙ୍କ ବାର୍ଷିକ ଜନ୍ମୋତ୍ସବରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ପଣ୍ଡିତ ମନୋରଞ୍ଜନ ଶତପଥି ଓ ଅରୁଣ ଦ୍ୱିବେଦୀଙ୍କ ପୂଜାର୍ଚ୍ଚନା ପରେ ପବିତ୍ର ଲୁଣାନଦୀର କେଳକୁଦ ଘାଟରୁ ଜଳଉତ୍ତୋଳନ କରାଯାଇ ଶହ ଶହ ମହିଳା ଓ ପୁରୁଷ ଭକ୍ତଙ୍କ ଦ୍ୱାରା କଳସ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହାପରେ ସୂର୍ଯ୍ୟପୂଜା, ଗୋପୂଜା ଓ ଯଜ୍ଞର ବିଭିନ୍ନ ପୂଜାର୍ଚ୍ଚନା କରାଯିବା ସହ ହୋମ ଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ଅଧ୍ୟାପକ ବିଭୂତି ଭୂଷଣ ଦାସ ଓ ତାଙ୍କ ଧର୍ମପତ୍ନୀ ହରପ୍ରିୟା ଦାସ ଯଜ୍ଞରେ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଭକ୍ତ ପ୍ରଭୁ ନାଗେଶ୍ୱରଙ୍କ କୃପାଲାଭ କରି ଅନ୍ନ ଯଜ୍ଞରେ ଅଂଶଗ୍ରହଣ କରିଥିଲେ। କମିଟିର ସଭ୍ୟ ଦିବାକର ଦାସ, ରବି ସ୍ୱାଇଁ, ବିକ୍ରମ ସ୍ୱାଇଁ, ଶିଶିର ସ୍ୱାଇଁ, ଅଭିଜିତ୍ ସ୍ୱାଇଁ, ରାଧାକାନ୍ତ ସ୍ୱାଇଁ, ପ୍ରଭାତ ଦାସ, ପ୍ରଶାନ୍ତ ନାୟକ, ଇଂ ମଧୁସ୍ମିତା ସ୍ୱାଇଁ, ସୁଧାଂଶୁ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



**ନିଶ୍ଚିନ୍ତକୋଇଲି,୧୦।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ମଣିଜଙ୍ଗ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ମନ୍ଦରଧର ମଲିକ (୮୫)ଙ୍କ ବାସଭବନରେ ପରଲୋକ ହୋଇଛି। ଭିଜିଲାନ୍ସ ପୁଲିସ ଚାକିରିରୁ ଅବସର ଗ୍ରହଣ କରିବା ପରେ ଜନସେବା ପ୍ରତି ମନ ବଳାଇ ୨୦୦୭ରୁ ୨୦୧୨ ମସିହା ପର୍ଯ୍ୟନ୍ତ ପଞ୍ଚାୟତର ପ୍ରତିନିଧି ଭାବେ ନିର୍ବାଚିତ ହୋଇ ସୁନାମ ଅର୍ଜନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ସରପଞ୍ଚ ଶାରଦା ପ୍ରସାଦ ମହାନ୍ତି, ପ୍ରାକ୍ତନ ସରପଞ୍ଚ କୈଳାସ ସାହୁ, ସର୍ବେଶ୍ୱର ନାୟକ, ତପନ ମଲିକ, ବିଷ୍ଣୁ ମଲିକ, ସରୋଜ ମଲିକ, ଚିତ୍ତରଞ୍ଜନ ମଲିକ, ସ୍ୱପ୍ନେଶ୍ୱର ମଲିକ, ସତ୍ୟବ୍ରତ ମଲିକ, ଦେବୀ ପ୍ରସାଦ ମଲିକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୃତ୍ୟୁ ଖବର ପାଇଁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ନିଜ ଗ୍ରାମ ଓଡଖଣ୍ଡ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା ବେଳେ ପୁତ୍ର ସନ୍ତୋଷ ମଲିକ ମୁଖାଗ୍ନି ଦେଇଥିଲେ।

# ୧୪ରେ ପୁବଂଶ ଲୁଣାନଦୀ ସେତୁ ଶିଳାନ୍ୟାସ

## ଯୋଗଦେବେ ଉପମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ



**ନିଶ୍ଚିନ୍ତକୋଇଲି,୧୦।୩(ସମିସ):** ମାହାଙ୍ଗା ନିର୍ବାଚନମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱର ପଞ୍ଚାୟତ ପୁବଂଶଠାରେ ଲୁଣାନଦୀ ଉପରେ ନୂତନ ଭାବେ ଏକ ହାଇ ଲେବୁଲ (ସୁଇଚ୍) ସେତୁ ନିର୍ମାଣ ପାଇଁ ସରକାରୀସ୍ତରରେ ସମସ୍ତ କାଗଜପତ୍ର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଅବସରରେ ସୋମବାର ଦିନ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ବିଶ୍ୱବ୍ୟାଙ୍କ ଓ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିବା ପରେ ସେତୁ ନିର୍ମାଣସ୍ଥଳ ପରିଦର୍ଶନ କରିଛନ୍ତି। ଉକ୍ତ ସେତୁ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳର ମୁରବୀ, ଜନପ୍ରତିନିଧି, ବିଭାଗୀୟ ଅଧିକାରୀ ଏବଂ ନିର୍ମାଣ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ସହ ବିଶଦ୍ ଭାବେ ଆଲୋଚନା କରି ଶିଳାନ୍ୟାସ ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଉକ୍ତ ସେତୁକୁ ଆସନ୍ତା ୧୪ ତାରିଖ ଅପରାହ୍ନରେ ଶୁଭ ଶିଳାନ୍ୟାସ କରାଯିବା ପାଇଁ ସ୍ଥିର ହୋଇଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦାନ କରିବା ପାଇଁ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ମଙ୍ଗଳବାର ଅପରାହ୍ନରେ କୁଳିଆସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ରଙ୍କ ପୌରୋହିତ୍ୟରେ ଏହି ବୈଠକରେ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ନିର୍ମାଣ ହେବାକୁ ଥିବା ହାଇଲେବୁଲ (ସୁଇଚ୍) ସେତୁ ଏବଂ ପୂର୍ତ୍ତ ବିଭାଗ ଅଧୀନରେ ଥିବା କଟିକଟା-ଜୟପୁର ରାସ୍ତା ଓ ନିଶ୍ଚିନ୍ତକୋଇଲି-ନରେନ୍ଦ୍ରପୁର ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ ସଂକ୍ରାନ୍ତରେ ବିଶଦ୍ ଆଲୋଚନା କରି ଏହି ତିନିଟି ପ୍ରକଳ୍ପକୁ ଉପମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତସ୍ତରରେ ପ୍ରସ୍ତୁତି ବୈଠକ କରିବାକୁ ପଞ୍ଚାୟତ ସଭାପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା କମଳା ବସ୍ତିଆ, ପ୍ରାକ୍ତନ ଉପାଧ୍ୟକ୍ଷ ଅଶୋକ ଓଝା, ଦେବେନ୍ଦ୍ର ସାହୁ, ଆମ୍ବ ସଭାପତି ଅଶୋକ ସାହୁ, ବିନୋଦ ସାମଲ, ସଞ୍ଜୟ ବେହେରା, କୈଳାସ ବେହେରା, ପିତାମ୍ବର ମହାନ୍ତି, ରବିନ୍ଦ୍ର ତ୍ରିପାଠୀ, ପ୍ରଦୀପ୍ତ ପରିଡା, ରମେଶ ସ୍ୱାଇଁଙ୍କ ସମେତ ବହୁ ଜନପ୍ରତିନିଧି ଓ ପଞ୍ଚାୟତ ସଭାପତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କଟକ ଲେଖକ ସହଯୋଗ ସମିତିର ବାର୍ଷିକ ଉତ୍ସବ



କଟକ, ୧୦।୩(ସମିସ): କଟକ ଲେଖକ ସହଯୋଗ ସମିତିର ୪୭ତମ ବାର୍ଷିକ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ଡାକ୍ତର ରବି ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ କହିଲେ ଭାଷା ଶିକ୍ଷାଦାନ ପାଇଁ ଶିକ୍ଷକ ନିଯୁକ୍ତିକୁ ଠିକ୍ ଭାବେ ଗୁରୁତ୍ୱ ଦେବା ଉଚିତ। ମୁଖ୍ୟବକ୍ତା ପ୍ରଫେସର ଖାରବେଳ ମହାନ୍ତି କହିଲେ ଭାଷା ହିଁ ଜାତିର ପରିଚୟ। ଭାଷାକୁ ଭୁଲିଲେ ଆମେ ନିଜ ପରିଚୟ ହରାଇବା ବୋଲି ମତ ଦେଇଥିଲେ। ସମ୍ମାନୀତ ଅତିଥି ଡ. ବାବାଜୀ ଚରଣ ପଟ୍ଟନାୟକ କହିଲେ ଯେ ସାହିତ୍ୟ ଓ ଇତିହାସ ଅଙ୍ଗାଙ୍ଗୀ ଭାବେ ଜଡ଼ିତ, ସବୁ ସମୟରେ ସାହିତ୍ୟରେ ଇତିହାସର ଛାପ ରହିଛି। ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ ସୁଶ୍ରୀ ପ୍ରତିମା ଶତପଥୀ। ଅରୁଣା ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରଘୁନାଥ ମହାପାତ୍ରଙ୍କ ପକ୍ଷରୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ପ୍ରଧାପକ ଆଦିତ୍ୟ ପ୍ରତାପ ଧଳ। ରୀତାଞ୍ଜଳି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଶ୍ୱିନୀ ସେଠୀ ଧନ୍ୟବାଦ ଦେଇଥିଲେ।

### ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସଜାଗ

# ଅଂଶୁଘାତ ମୃତ୍ୟୁହାରକୁ 'ଶୂନ' କରିବାକୁ ଗୁରୁତ୍ୱାରୋପ

କଟକ, ୧୦।୩(ସମିସ)

- ଜଳକଷ୍ଟ ଦୂର ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନଳକୂପ ମରାମତି
- ଦିନ ୧୧ଟାରୁ ୩ଟା ଯାଏଁ ବନ୍ଦ ରହିବ ଶ୍ରମଭିତ୍ତିକ କାର୍ଯ୍ୟ



ଚଳିତ ବର୍ଷର ପ୍ରଖର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁହାରକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ପ୍ରଶାସନ 'ମିଶନ ଜିରୋ' ଲକ୍ଷ୍ୟ ରଖିଛି। ଏଥିପାଇଁ ଜିଲ୍ଲା ଜରୁରୀକାଳୀନ ବିଭାଗ ସମେତ ସମସ୍ତ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଗତ ବର୍ଷଗୁଡ଼ିକରେ ଯେଉଁ ଅଞ୍ଚଳରେ ଅଂଶୁଘାତ ସମସ୍ୟା ଅଧିକ ଦେଖାଦେଇଥିଲା, ସେହି ସ୍ଥାନଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଗ୍ରୀଷ୍ମ ଋତୁରେ ଜଳକଷ୍ଟ ଦୂର କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଅଚଳ ନଳକୂପଗୁଡ଼ିକୁ ସଚଳ କରିବାକୁ ଜନସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜନଗହଳିପୂର୍ଣ୍ଣ ସ୍ଥାନ, ବସଷ୍ଟାଣ୍ଡ ଓ ହାଟ ବଜାରରେ ଜଳଛତ୍ର ଖୋଲିବା ସହ ସହରରେ ଥିବା ୱାଟର କୁଲରଗୁଡ଼ିକର କ୍ଷମତା ଯାଞ୍ଚ କରାଯିବ। ସେହିପରି ଗ୍ରୀଷ୍ମ ପ୍ରବାହ ସମୟରେ ଅଘୋଷିତ ବିଦ୍ୟୁତ କାଟ ଓ ଲୋ-ଭୋଲଟେଜ୍ ସମସ୍ୟା ଯେପରି ନ ଉପୁଜେ, ସେଥିପ୍ରତି ସତର୍କ ରହିବାକୁ ଟିପିସିଓଡ଼ିଏଲ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି। ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ ଓ ଓଆରଏସ ପ୍ୟାକେଟ୍ ମହଜୁଦ ରଖିବାକୁ ସ୍ଥିର କରାଯାଇଛି। ପ୍ରଖର ଖରା ସମୟରେ ଅର୍ଥାତ୍ ଦିନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଶ୍ରମିକଙ୍କ ଦ୍ୱାରା ଶାରୀରିକ ଶ୍ରମଭିତ୍ତିକ କାର୍ଯ୍ୟ କରାଇବା ଉପରେ କଟକଣା ଜାରି କରାଯାଇଛି। କାର୍ଯ୍ୟସ୍ଥଳରେ ପାନୀୟ ଜଳ ଓ ବିଶ୍ରାମ ସ୍ଥଳର ବ୍ୟବସ୍ଥା କରିବାକୁ ଶ୍ରମ ଅଧିକାରୀ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେବେ। ଡାକ୍ତରଖାନାଗୁଡ଼ିକରେ ଜୀବନ ରକ୍ଷାକାରୀ ଔଷଧ, ବରଫ ପ୍ୟାକେଟ୍ ଓ ଆମ୍ବୁଲାନ୍ସ ସେବାକୁ ସର୍ବଦା ପ୍ରସ୍ତୁତ ରଖିବାକୁ ସିଡିଏମଓଙ୍କୁ କୁହାଯାଇଛି। ଏହାବ୍ୟତୀତ ବନ୍ୟଜନ୍ତୁ ଓ ଗୋରୁଗାଈଙ୍କ ପାଇଁ ଜଙ୍ଗଲ ଓ ବିଭିନ୍ନ ବ୍ଲକରେ ଜଳକୁଣ୍ଡର ବ୍ୟବସ୍ଥା କରାଯିବ। ଯଦି କୌଣସି ଅଂଶୁଘାତ ଜନିତ ମୃତ୍ୟୁ ଘଟେ, ତେବେ ତହସିଲଦାର ଓ ମେଡିକାଲ ଅଫିସରଙ୍କ ଦ୍ୱାରା ଯୁଗ୍ମ ତଦନ୍ତ କରାଯାଇ ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରାଯିବା ବାଧ୍ୟତାମୂଳକ କରାଯାଇଛି।

## ଡ୍ରିମ୍ସରେ 'ଆମ୍ବିକନ୍'ର ୧୫ତମ ରାଜ୍ୟ ସମ୍ମିଳନୀ





କଟକ, ୧୦।୩(ସମିସ): 'ଡ୍ରିମ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ଓ ହସ୍‌ପିଟାଲ'ରେ ଭାରତର ମେଡିକାଲ ବାୟୋକେମିଷ୍ଟ ସଂଘ ଓଡ଼ିଶା ଶାଖାର ୧୫ତମ ବାର୍ଷିକ ସମ୍ମିଳନୀ (ଆମ୍ବିକନ୍) ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ସମ୍ମିଳନୀର ସଫଳତା କାମନା କରିଥିଲେ। ସାଂଗଠନିକ କମିଟି ଅଧ୍ୟକ୍ଷ ତଥା ଡ୍ରିମ୍ସ ମେଡିକାଲ କଲେଜର 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ଏଭଳି ସମ୍ମିଳନୀ ନିଷ୍କର୍ଷ ଯୁବ ଜୀବ ରସାୟନବିତ୍‌ଙ୍କୁ ମାର୍ଗଦର୍ଶନ କରିବ ବୋଲି କହିଥିଲେ। ସାଂଗଠନିକ ସମ୍ପାଦକ ତଥା ଡ୍ରିମ୍ସ ମେଡିକାଲ କଲେଜର ଜୀବ ରସାୟନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ମନ୍ମଥ କୁମାର ମଣ୍ଡଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଂଗଠନର ରାଜ୍ୟ ସଭାପତି ପ୍ରଫେସର ଡା. ପ୍ରତିମା କୁମାରୀ ସାହୁ, ସମ୍ପାଦିକା ପ୍ରଫେସର ଡା. ଶର୍ମିଷ୍ଠା ସ୍ୱାଇଁ, ପୂର୍ବା ପ୍ରତିନିଧି ଡା. ନିରୂପମା ଦେବୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। 'ପଦ୍ମିନୀ କେୟାର'ର ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ନିର୍ଦ୍ଦେଶକ (କ୍ଲିନିକାଲ) ଡା. ପ୍ରମୋଦ ମିଶ୍ର, ଡିଜିଏମ୍ (ମାନବ ସମ୍ବଳ) ସତ୍ୟଜିତ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ତୁହିନା ବେହେରା, ଅନିରୁଦ୍ଧ ପଣ୍ଡା, ରୋହିତ ପୋଧ, ସିନୟ କରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁଗ୍ମ ସାଂଗଠନିକ ସମ୍ପାଦିକା ଡା. ପ୍ରଜ୍ଞଦା ରିଚା ଯୋଶୀ, ଡା. ପ୍ରିୟଙ୍କା ପ୍ରିୟଦର୍ଶିନୀ, ଡା. ବୁଲୁ ମହାନ୍ତି, ଡା, ଶୁଭସୂର୍ଯ୍ୟ ପତି, ଡା. ଜ୍ୟୋତିରଞ୍ଜନ ତ୍ରିପାଠୀ, ଡା. ମୀନାକ୍ଷୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସଂଗଠନର 'ସ୍ମରଣିକା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶିକ୍ଷାନୁଷ୍ଠାନର ବାୟୋକେମେଷ୍ଟ୍ରୀ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀରେ ବିଭିନ୍ନ ସରକାରୀ ଓ ଘରୋଇ ମେଡିକାଲ କଲେଜ ହସ୍ପିଟାଲର ଶତାଧିକ ଜୀବ ରସାୟନବିତ୍, ଡାକ୍ତରୀ ଛାତ୍ରଛାତ୍ରୀ ଯୋଗଦେଇ ରୋଗ ନିଦାନ, ଚିକିତ୍ସା କ୍ଷେତ୍ରରେ ଜୀବ ରସାୟନବିତମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ।

## ଦେଉଳସାହି ବଜାର କମିଟିର ନୂତନ କର୍ମକର୍ତ୍ତା ଚୟନ

### ମନୋଜ ସ୍ୱାଇଁ ସଭାପତି ଓ ଦିଲ୍ଲୀପ ମହାନ୍ତି ସମ୍ପାଦକ ଭାବେ ନିର୍ବାଚିତ



କଟକ, ୧୦।୩(ସମିସ): କଟକ ଦେଉଳସାହି ବଜାର କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାହିର ମୁରବୀ ତଥା ପୂର୍ବତନ ବଜାର କମିଟି ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବଜାରର ସାମଗ୍ରିକ ଉନ୍ନତି ଏବଂ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ସମସ୍ତ ଦୋକାନୀ ଭାଇମାନଙ୍କ ସମ୍ମତି ଓ ପରାମର୍ଶ କ୍ରମେ ଆଗାମୀ କାର୍ଯ୍ୟକାଳ ପାଇଁ ମନୋଜ କୁମାର ସ୍ୱାଇଁଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ଦିଲ୍ଲୀପ କୁମାର ମହାନ୍ତିଙ୍କୁ ସମ୍ପାଦକ ଏବଂ ଯତୀନ୍ଦ୍ର ବିଶ୍ୱାଳଙ୍କୁ ସହସମ୍ପାଦକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ବୈଠକରେ ବିଶେଷ କରି ବଜାରର ମୌଳିକ ସମସ୍ୟା ଏବଂ ଉଠା ଦୋକାନୀମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବରିଷ୍ଠ ମୁରବୀ ଓ ଉପଦେଷ୍ଟାମାନଙ୍କ ମାର୍ଗଦର୍ଶନରେ ଦେଉଳସାହି ବଜାରର ବିକାଶମୂଳକ କାର୍ଯ୍ୟକୁ କିଭଳି ତ୍ୱରାନ୍ୱିତ କରାଯିବ, ସେ ନେଇ ସଦସ୍ୟମାନେ ମତ ରଖିଥିଲେ। ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟବସାୟୀ ଓ ମୁରବୀମାନେ ଉପସ୍ଥିତ ରହି ନୂତନ କମିଟିକୁ ସ୍ୱାଗତ ଜଣାଇଥିଲେ। ଶେଷରେ ଦେଉଳସାହି ଗ୍ରାମ୍ୟ ଉନ୍ନୟନ କମିଟିର ପୂର୍ବତନ ସଭାପତି ରବୀନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ୪ ନମ୍ବର ଜୋନ ଏସିପିଙ୍କ ଯୋଗଦାନ



କଟକ, ୧୦।୩(ସମିସ): କଟକ କମିସନରେଟ ପୁଲିସର ଜୋନ-୪ ଏସିପି ଭାବେ ଅମିତାଭ ମହାପାତ୍ର ବିଧିବଦ୍ଧ ଭାବେ ଗତକାଲି ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ କଟକ ଡିସିପିଙ୍କ ଅଫିସରେ କାର୍ଯ୍ୟ କରୁଥିଲେ। ସେ ଗତ ୨୦୨୪ ସେପ୍ଟେମ୍ବର ମାସ ୧୫ ତାରିଖରେ ଏହି ଜୋନରେ ଏସିପି ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ତାଙ୍କୁ ଗତ ୨୦୨୫ ମସିହା ଜୁଲାଇ ୧୬ ତାରିଖରେ ଏଠାରୁ ବଦଳି କରଯାଇଥିଲା। ତାଙ୍କ ସ୍ଥାନରେ ଶଶିକାନ୍ତ ରାଉତଙ୍କୁ ଏଠାରେ ଏସିପି ଭାବେ ନିଯୁକ୍ତି ଦିଆଯାଇଥିଲା। ଶ୍ରୀ ରାଉତଙ୍କୁ ଏଠାରୁ ବଦଳି କରାଯାଇ ଭୁବନେଶ୍ୱର ବିପିଏସଏ ଟ୍ରେନିଙ୍ଗ ସେଣ୍ଟରରେ ଅବସ୍ଥାପିତ କରାଯାଇଛି। ପୂର୍ବ ଏସିପି ଅମିତାଭ ଠାକୁର ଏଠାରେ ପୁଣି ଯୋଗଦାନ କରିବାପରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ଅଞ୍ଚଳର ଲୋକ ଆସି ତାଙ୍କୁ ଭେଟିବା ସହ ଶୁଭେଚ୍ଛା ଜଣାଇଛନ୍ତି।

## ଓସିସ ଫର୍ଟିଲିଟି 'ଜନନିଯାତ୍ରା' ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



କଟକ, ୧୦।୩(ସମିସ): କଟକର ଖାନନଗର ସାଇ ମନ୍ଦିରଠାରେ 'ଓସିସ ଫର୍ଟିଲିଟି ଜନନିଯାତ୍ରା' ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ପ୍ରତିଷ୍ଠାତା ଡା. ଦୁର୍ଗା ରାଓଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଆୟୋଜିତ ଏହି ଶିବିରରେ ମହିଳାମାନଙ୍କ ପ୍ରଜନନ ସ୍ୱାସ୍ଥ୍ୟ ଓ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। କଟକ ମେୟର ସୁବାସ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, ଆୱାରନେସ୍ କମିଟି ଅଧ୍ୟକ୍ଷ ଡ. ରଞ୍ଜନ ବିଶ୍ୱାଳ, ଡ. ପ୍ରଶାନ୍ତ ନାୟକ ଏବଂ ସମାଜସେବୀ ଜଗତଜ୍ୟୋତି ପଟ୍ଟନାୟକ ଉପସ୍ଥିତ ରହି ସାମ୍ପ୍ରତିକ ସମୟରେ ମହିଳା ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ମତ ରଖିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ବହୁ ସଂଖ୍ୟାରେ ମହିଳା ଯୋଗଦେଇ ମାଗଣା ରକ୍ତ ପରୀକ୍ଷା ଏବଂ ସ୍ୱାସ୍ଥ୍ୟ ଯାଞ୍ଚର ସୁବିଧା ନେଇଥିଲେ। ବିଶେଷ କରି ଜନନ ସମସ୍ୟା ଥିବା ବ୍ୟକ୍ତିମାନଙ୍କୁ ବିଶେଷଜ୍ଞ ଡାକ୍ତରମାନେ ମାଗଣା ପରାମର୍ଶ ପ୍ରଦାନ କରିଥିଲେ। ଡ. ସ୍ୱପ୍ନା ସୁମିତା ମାଝୀ, ଡ. ସୁମନ ସରିତା, ଡ. ସୋନାଲି ଗୋଚ୍ଛାୟତ ଏବଂ ଡ. ପ୍ରଜ୍ଞା ଦାସ ପ୍ରମୁଖ ରୋଗୀଙ୍କ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ତପନ ରାଉତ, ଜାଭେଦ ଶେଖ, ଦୀପଶିଖା ଭଦ୍ର ଏବଂ ବିଶ୍ୱଜିତ ବେହେରା ପରିଚାଳନା କରିବାରେ ସହଯୋଗ କରିଥିଲେ। ଓସିସ ଫର୍ଟିଲିଟିର ଏହି ପ୍ରୟାସ ଦ୍ୱାରା ସ୍ଥାନୀୟ ଅଞ୍ଚଳର ମହିଳାମାନେ ଉପକୃତ ହୋଇଥିବା ପ୍ରକାଶ କରିଛନ୍ତି।

## ସାଲେପୁରରେ ବିଜେପିର ମହିଳା ସମାବେଶ

ସାଲେପୁର, ୧୦।୩(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମଗ୍ର ଦେଶରେ ମହିଳାମାନଙ୍କୁ ସଶକ୍ତ କରାଯାଉଛି। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବାପାଇଁ ସୁଭଦ୍ରା ଯୋଜନା ଠାରୁ ଆରମ୍ଭ କରି ବହୁ ଲୋକପ୍ରିୟ ଯୋଜନା ପ୍ରଣୟନ କରି ମହିଳାମାନଙ୍କର ଆସ୍ଥାଭାଜନ ହୋଇପାରିଛନ୍ତି ବୋଲି ସାଲେପୁରସ୍ଥିତ ମଧୁମଣ୍ଡପ ପରିସରରେ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଶ୍ୱ ମହିଳା ଦିବସ ପାଳନ ଅବସରରେ ବିଜେପିର ବରିଷ୍ଠ ନେତାମାନେ ଏହି ମତ ପ୍ରକାଶ କରିଛନ୍ତି। କଟକ ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ତାପସ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଟକ ଜିଲ୍ଲା ଗ୍ରାମୀଣ ବିଜେପି ସଭାପତି ରାମନାରାୟଣ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ କଟକ ଜିଲ୍ଲା ବିଜେପିର ଉପସଭାପତି ହିମାଂଶୁ ମହାନ୍ତି, କଟକ ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ସନ୍ତୋଷ ରାଉତ, ସନାତନ ଦାଶ, ଜିଲ୍ଲା ମହିଳା ମୋର୍ଚ୍ଚା ସମ୍ପାଦିକା ଲକ୍ଷ୍ମୀପ୍ରିୟା ଲେଙ୍କା, ରାମେଶ୍ୱର ମଣ୍ଡଳ ସଭାନେତ୍ରୀ ସଙ୍ଗୀତା ଜେନା, ବହୁଗ୍ରାମ ମଣ୍ଡଳ ସଭାନେତ୍ରୀ ମିନାକ୍ଷୀ ପରିଡ଼ା, ସାଲେପୁର ମହିଳା ମୋର୍ଚ୍ଚା ସଭାନେତ୍ରୀ ରାଜଶ୍ରୀ ଲେଙ୍କା, ଟାଙ୍ଗୀ ମଣ୍ଡଳ ସଭାନେତ୍ରୀ ମିଲନ୍ ସାହୁ, ନିର୍ମଳା ସିଂହ, ରେଣୁବାଳା ରାଉତ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ତୁଳସୀରାଣୀ ଦାଶ, ରଶ୍ମି ବିଶ୍ୱାଳ, କବିତା ସ୍ୱାଇଁ, ନିର୍ମଳା ବରାଳ, ବିନତୀ ପ୍ରଧାନ, ସନ୍ଧ୍ୟାରାଣୀ ଶତପଥି, ସ୍ନେହଲତା ସିଂହ, ଜାନକୀ କାଣ୍ଡି, ବିନତୀ ପ୍ରଧାନ, ନିବେଦିତା ସାହୁ, ଜେମା ସର୍ଦ୍ଦାରଙ୍କ ସମେତ ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ସାଲେପୁର ଟାଙ୍ଗୀ ନିର୍ବାଚନ ମଣ୍ଡଳୀର ବିଧାନସଭାର ବିଜେପି ପ୍ରାର୍ଥୀ ଅରିନ୍ଦମ ରାୟ କିମ୍ବା ତାଙ୍କ ସମର୍ଥିତ ମଣ୍ଡଳ ସଭାପତି ଓ ତାଙ୍କର ସମର୍ଥକମାନେ ଏହି ସଭାରେ ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା।

## ସୁଭଦ୍ରା ମହତାବ କଲେଜରେ ମହିଳା ଦିବସ



ନିଶ୍ଚିନ୍ତକୋଇଲି, ୧୦।୩(ସମିସ): ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟ +୨ ଓ +୩ ଉଭୟ ବିଭାଗ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷା ପ୍ରାଧ୍ୟାପିକା ଡ. ସୁପ୍ରଭା ପରିଡ଼ାଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବିକା ଶୁଭଶ୍ରୀ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଲଲ୍ଲୁପ ମହାପାତ୍ର, ଅଧ୍ୟାପିକା ଚାନ୍ଦିନୀ ଦଳାଇ, ଡେମୋନଷ୍ଟ୍ରେଟର ବିଟା ମହାନ୍ତି, +୨ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ସୂର୍ଯ୍ୟକାନ୍ତୀ ମଳିକ ପ୍ରମୁଖ ଯୋଗଦେଇ ଦେଶ ବିକାଶରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂକ୍ରାନ୍ତରେ ଆଲୋଚନା କରିବା ସହିତ ଶୃଙ୍ଖଳିତ ସମାଜ ପାଇଁ ନାରୀ ଶିକ୍ଷିତ ଓ ସଂସ୍କୃତି ସମ୍ପନ୍ନ ହେବା ପାଇଁ ଆହ୍ୱାନ ଦେଇଥିଲେ। +୩ ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପକ ସୁଧୀର ଦାସ ଧନ୍ୟବାଦ ଦେଇଥିଲେ।

### ବିଭିନ୍ନ ସ୍ଥାନରେ ବିଶ୍ୱ ମହିଳା ଦିବସ

# ନାରୀ ସଶକ୍ତୀକରଣ ଉପରେ ଗୁରୁତ୍ୱ







### ● ରଘୁନାଥଜୀଉ ମହାବିଦ୍ୟାଳୟ

କଟକ, ୧୦।୩(ସମିସ): ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟ ପରିସରରେ ବିଶ୍ୱ ମହିଳା ଦିବସ ଅତ୍ୟନ୍ତ ଉତ୍ସାହ ଓ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ), ଯୁବ ରେଡ୍‌କ୍ରସ୍, ରେଡ୍ ରିବନ୍ କ୍ଲବ୍ ଏବଂ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଭଳି ବିଭିନ୍ନ ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଜେପିର ରାଜ୍ୟ ସାଧାରଣ ସମ୍ପାଦିକା ରଶ୍ମି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ 'ଶକ୍ତିଶ୍ରୀ'ର ମୁଖ୍ୟା ଚନ୍ଦନା ମହାନ୍ତି ଏବଂ ଆଭ୍ୟନ୍ତରୀଣ କମିଟିର ମୁଖ୍ୟା ଅନିମା ମହାପ୍ରଶସ୍ତ ପିଲାମାନଙ୍କୁ ସେମାନଙ୍କ ଅଧିକାର ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଇଥିଲେ। ଏଥିସହିତ ଜାତୀୟ ସେବା ଯୋଜନାର ଅଧିକାରୀ ଡ. ସରୋଜ ଦାଶ, ଅମ୍ରିତା ଲେଙ୍କା ଏବଂ କାନ୍ତିରେଖା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା, ଯେଉଁଥିରେ ଅଧ୍ୟାପକ ନିହାର ରଞ୍ଜନ ରଥ, କାନ୍ତିରେଖା ବିଶ୍ୱାଳ, ଲକ୍ଷ୍ମୀ ବାରିକ ଓ ଡ. ସୁଧାମୟୀ ବେହୁରା ନାରୀ ଶକ୍ତିକୁ ନେଇ ସ୍ୱରଚିତ କବିତା ପାଠ କରିଥିଲେ। ନାରୀ ସଶକ୍ତିକରଣ ସମ୍ପର୍କିତ ସନ୍ଦର୍ଭ ଉପସ୍ଥାପନ କରିଥିବାରୁ ଦୁଇଜଣ ଛାତ୍ରୀ ସିଦ୍ଧି ଶତପଥୀ ଓ ସ୍ୱର୍ଣ୍ଣପ୍ରଭା ବେହେରାଙ୍କୁ ମହାବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଅମ୍ରିତା ଲେଙ୍କା ଧନ୍ୟବାଦ ଦେଇଥିଲେ।

### ● କୈବଲ୍ୟ ସାହିତ୍ୟ ସଂସଦ

ଧବଳେଶ୍ୱର ସାରସ୍ୱତ ଆଶ୍ରମ ପରିସରରେ କୈବଲ୍ୟ ସାହିତ୍ୟ ସଂସଦର ୯୨ତମ କାର୍ଯ୍ୟକ୍ରମ 'ଆନ୍ତର୍ଜାତୀୟ ମହିଳା ସ୍ୱାଭିମାନ ଉତ୍ସବ' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା ସ୍ତମ୍ଭକାର ଡ. ମୀରା ବେଉରା ଏବଂ ମୁଖ୍ୟବକ୍ତା ଭାବେ ଯୋଗଗୁରୁ ସାଗରିକା ଜେନା ଯୋଗଦେଇଥିଲେ।

ସମ୍ମାନିତ ଅତିଥି ଭାବେ କବୟିତ୍ରୀ ମଞ୍ଜୁଳା ସାହୁ, ସଂହିତା ଜେନା, ଶତାବ୍ଦୀ ପଟ୍ଟନାୟକ, ଭଗବତୀ ଖଟୁଆ, ସଫଳା ଦାସ, ବନଲତା ମହାପାତ୍ର, ଗୋଲାପ କୁମାରୀ ସାହୁ ଏବଂ ଗୁଲବି ସାହା ପ୍ରମୁଖ ଉପସ୍ଥିତ ରହି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ମହିଳାଙ୍କ ସଫଳତାର ଇତିହାସ ବ୍ୟାଖ୍ୟା କରିଥିଲେ। 'ନାରୀ ଶକ୍ତି' ଶୀର୍ଷକ କବିତା ପାଠ ଓ ଭକ୍ତି ସଙ୍ଗୀତ ଗାନ ସମଗ୍ର ପରିବେଶକୁ ଆଧ୍ୟାତ୍ମିକ ଓ ସାରସ୍ୱତ କରି ଗଢ଼ି ତୋଳିଥିଲା। ଏହି ଅବସରରେ 'କୈବଲ୍ୟ ନାରୀ ସ୍ୱାଭିମାନ ସମ୍ମାନ' ପ୍ରଦାନ କରାଯିବା ସହ ଶତାଧିକ ବସ୍ତି ବାସିନ୍ଦା ମହିଳାଙ୍କୁ ଶାଢ଼ୀ ବଣ୍ଟନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏଥିସହିତ ଛାତ୍ରୀମାନଙ୍କୁ ପବିତ୍ର ଶ୍ରୀମଦ୍ ଭଗବଦ୍ ଗୀତା ବଣ୍ଟନ କରାଯାଇଥିଲା। ଧବଳେଶ୍ୱର ସାରସ୍ୱତ ଆଶ୍ରମର ଅଧ୍ୟକ୍ଷ ମାନସ ଚୈତନ୍ୟ ମହାରାଜ ଉପସ୍ଥିତ ମହିଳାମାନଙ୍କୁ ଆଦର୍ଶ ଗୃହସ୍ଥ ହେବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ କବି ଛବିରାମ ସେଠୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ● ନାରୀ ସୁରକ୍ଷା ସଂଗଠନ

ଗାନ୍ଧୀ ଭବନ ପରିସରରେ ନାରୀ ସୁରକ୍ଷା ସଂଗଠନ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ନାରୀ ଜାତିର ସୁରକ୍ଷା ଏବଂ ସେମାନଙ୍କ ମର୍ଯ୍ୟାଦା ରକ୍ଷା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ମନୋଜ ମିଶ୍ର ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ ଯେ, ନାରୀ ଶକ୍ତିର ସମ୍ମାନ ରକ୍ଷା କରିବା କେବଳ ସରକାରଙ୍କର ନୁହେଁ, ବରଂ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କର ଦାୟିତ୍ୱ।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ ସାମ୍ପ୍ରତିକ ସମାଜରେ ମହିଳାଙ୍କ ପ୍ରତି ବଢ଼ୁଥିବା ଅପରାଧକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ନାରୀ ସୁରକ୍ଷା ସଂଗଠନର ସଭାନେତ୍ରୀ ଡ. ଲଳିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡ. ପ୍ରଭାତୀ ମିଶ୍ର, ଡ. ବିଜୟଲକ୍ଷ୍ମୀ ତାରିଣିଆ, ବିଦ୍ୟୁତ୍ କୁମାରୀ ଲାଲା, ମିନାକ୍ଷୀ ମହାପାତ୍ର, କମଳାକାନ୍ତ କର, ସପନ ମିଶ୍ର ଏବଂ ସତ୍ୟଭାମା ପାତ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।

